# ପ୍ରେରଣା

ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା



ସେପ୍ଟେମ୍ବର, ୨୦୧୯

ଦ୍ୱାଦଶ ସଂସ୍କରଣ

ପ୍ରତିଷ୍ଠାତା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ସେପ୍ଟେମ୍ବର, ୨୦୧୯ ■ ଦ୍ୱାଦଶ ସଂସ୍କରଣ

**ପ୍ରତିଷ୍ଠାତା**

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

**ପ୍ରଚ୍ଛଦପଟ୍ଟ**

ଶୁଭଶ୍ରୀ ପଣ୍ଡା

**ଆମସହ ଯୋଗାଯୋଗ**

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା
ଜହ୍ନିତଇଳା, ବାରଦା, ଢେଙ୍କାନାଳ
ଇମେଲ୍-editor@preranaodia.com,ଦୂରଭାଷ–8908279130

# ଛବିଟିଏ ପାଇଁ ପଦଟିଏ

The image speaks

ଏକ ଛବିର ସୀମିତ ବିଷୟବସ୍ତୁକୁ ନେଇ ପ୍ରତିଯୋଗିତାତ୍ମକ ଭାବ ଦ୍ୱାରା ନୂତନ ସାହିତ୍ୟର ସୃଷ୍ଟି ତଥା ପ୍ରିୟ ଲେଖକ/ଲେଖିକା ମାନଙ୍କ ମନରେ ଓଡିଆ ସାହିତ୍ୟ ପ୍ରତି ଅଧିକ ଉତ୍ସାହ ସୃଷ୍ଟି କରିବା ପାଇଁ "ଛବିଟିଏ ପାଇଁ ପଦଟିଏ" ଏକ କ୍ଷୁଦ୍ର ପ୍ରଚେଷ୍ଟା ।

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ସେପ୍ଟେମ୍ବର ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ସେପ୍ଟେମ୍ବର ୨୦୧୯ ସଂସ୍କରଣର ବିଜେତା ଲେଖିକା ରଞ୍ଜିତା ଦାସଙ୍କୁ ଅଭିନନ୍ଦନ । ଲେଖିକାଙ୍କ କଲମରୁ...

ସମୟ ଥାଉ ଥାଉ ବାନ୍ଧେ ତୁ ବନ୍ଧ,

ସମୟ ଥାଉ ଥାଉ ମିଶା ତୁ କାନ୍ଧରେ କାନ୍ଧ ।

ସହସ୍ର ସହସ୍ର କ୍ଷତ ଆଜି ମୋରି ଦେହେ,

ସେ ପ୍ରତି ତୋର କିବା ନିଘା ଆଜି ନାହିଁ ।

ମୋ ସୁରକ୍ଷା କବଚର ଚିନ୍ତା ତତେ ଘାରିଲେ ଯାଇ

ବଞ୍ଚିବାର ନୂଆ ରାସ୍ତା ପାଇ ପାରିବୁରେ ତୁହି ।



ରଞ୍ଜିତା ଦାସ

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈିସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

"ବଣମଲ୍ଲୀ ସମ ଫୁଟି ମୁଁ ବଣରେ
ପଡିବିନି ଆଉ ଝରି ।
ପ୍ରେରଣା ଆଣୁଛି ସାହିତ୍ୟ ସମ୍ଭାର
ରଖିବ ହୃଦୟେ ଭରି ।।"

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**- ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍ ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସଂରକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ପଦ୍ୟ ଏବଂ ଗୋଟିଏ ଗଦ୍ୟ ) ଲେଖା ପଠାଇ ପାରିବେ ।


- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନ କରିବା ପାଇଁ ବିଶେଷ ଅନୁରୋଧ ।

- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସଂରକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ସମ୍ପାଦକୀୟ...



ଆଦିମ ମନୁଷ୍ୟ ବଣ-ଜଙ୍ଗଲରେ ରହୁଥିଲା । ବନ୍ୟଜନ୍ତୁ ଶିକାର କରି ଓ ଜଙ୍ଗଲରୁ ଫଳ, ମୂଳ ସଂଗ୍ରହକରି ଚଳୁଥିଲା । ପ୍ରାକୃତିକ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିଲା । କ୍ରମଶଃ ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ପ୍ରାକୃତିକ ସମ୍ପଦର ବ୍ୟବହାର କରିବାର ଜ୍ଞାନ ଆହରଣ କଲା । ସମୟକ୍ରମେ ନିଜର ସୁବିଧା ପାଇଁ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର କରିବାକୁ ବି ପଛାଇଲା ନାହିଁ । ଏହାର ପରିମାଣ ସ୍ୱରୂପ ପରିବେଶରେ ପରିବର୍ତ୍ତନ ଦେଖାଦେଲା । ଯାହାର ପ୍ରଭାବ ଏବେ ସଂପୂର୍ଣ୍ଣ ଜୀବଜଗତ ଉପରେ ପରିଲକ୍ଷିତ ହେଲାଣି । ସେଥି ମଧ୍ୟରୁ ଓଜୋନ୍ ସ୍ତରରେ ସୃଷ୍ଟି ହୋଇଥିବା ଛିଦ୍ର ଏଠି ଆଲୋଚ୍ୟର ବିଷୟ ।

ଓଜୋନ୍ ସାଧାରଣତଃ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର) ମଧ୍ୟରେ ରହିଛି । ଋତୁ ପରିବର୍ତ୍ତନ ଓ ବିଭିନ୍ନ ଭୌଗଳିକ ସ୍ଥାନ ଅନୁସାରେ ଏହାର ମୋଟେଇ ଅଲଗା ଅଲଗା ହୋଇଥାଏ । ସାଧାରଣତଃ ବିଷୁବରେଖାଠାରେ ଏହାର ମୋଟେଇ ସର୍ବନିମ୍ନ ଓ ମେରୁଠାରେ ସର୍ବାଧିକ । ସୂର୍ଯ୍ୟଠାରୁ ଆସୁଥିବା ଅତିବାଇଗଣି ରଶ୍ମି ପ୍ରଭାବରୁ ଏହା ପୃଥିବୀ ପୃଷ୍ଠକୁ ରକ୍ଷା କରିଥାଏ, ନଚେତ୍ ପୃଥିବୀ ପୃଷ୍ଠରେ ଥିବା ଜୀବମାନଙ୍କଠାରେ  ଚର୍ମ କର୍କଟ ଓ ଆଖିର ପରଳ ରୋଗ  ଭଳି ଉତ୍କଟ ସମସ୍ୟା ଦେଖାଯା'ନ୍ତା  । ଉପରୋକ୍ତ ଉକ୍ତି ଗୁଡିକରୁ ଓଜୋନ୍ ସ୍ତରର ଉପାଦେୟତା ସହଜରେ ଅନୁମେୟ  ।

ବର୍ତ୍ତମାନ ସମାଜରେ ମାନବର ଆଧୁନିକ ଜୀବନଶୈଳୀରେ ବ୍ୟବହୃତ ଶୀତଳୀକରଣ ଯନ୍ତ୍ରରୁ ନିର୍ଗତ କ୍ଲୋରୋଫ୍ଲୋରୋକାର୍ବନ (CFC) ଗ୍ୟାସ୍ ଓଜୋନ୍ ସ୍ତରରେ ଛିଦ୍ର ସୃଷ୍ଟି କରୁଛି  ।  ଯଦ୍ୱାରା ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣି ରଶ୍ମି ଏବେ ପୃଥିବୀ ପୃଷ୍ଠରେ ସିଧାସଳଖ ପଡୁଅଛି  । ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ

ଏକ ଓଜୋନ୍ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କାଟିକା ସର୍ଭେରେ ପ୍ରକାଶ ପାଇଥିଲା । ଏହାକୁ ପ୍ରଥମେ ନୋବେଲ୍ ପୁରସ୍କାର ବିଜେତା ଶେର୍ଉଡ ରୋଲ୍ୟାଣ୍ଡ ଠାବ କରିଥିଲେ । ଏହାକୁ ନେଇ ସାରା ବିଶ୍ୱ ଚିନ୍ତିତ ଥିଲା । ପରବର୍ତ୍ତୀ ସମୟରେ ବିଶ୍ୱର ଅନେକ ଦେଶ ଓଜୋନ୍ ସ୍ତରକୁ ଦୁର୍ବଳ କରୁଥିବା ପଦାର୍ଥ ଉପରେ ନିୟନ୍ତ୍ରଣ ଆଣିବା ପାଇଁ ମଣ୍ଟ୍ରିଲ୍ ପ୍ରୋଟୋକଲରେ ୧୯୮୭ ସେପ୍ଟେମ୍ବର ୧୬ରେ ହସ୍ତାକ୍ଷର କରିଥିଲେ । ଏହି ଦିନଟିର ସ୍ମୃତିଚାରଣ ସଦୃଶ ଲୋକଙ୍କ ମନରେ ଏହାର ସୁରକ୍ଷା ପ୍ରତି ସଚେତନ ସୃଷ୍ଟି କରିବା ପାଇଁ ୧୯୯୪ରେ ଜାତିସଂଘ ପକ୍ଷରୁ ସେପ୍ଟେମ୍ବର ୧୬କୁ ଆନ୍ତର୍ଜାତିକ ଓଜୋନ୍ ସ୍ତର ସଂରକ୍ଷଣ ଦିବସ ଭାବେ ଘୋଷଣା କରାଯାଇଥିଲା । ୨୦୧୯ରେ ଏହି ଦିବସର ସ୍ଲୋଗାନ ରହିଛି - "୩୨ ବର୍ଷ ଏବଂ ଉପଚାର ।" ଏହାର ସୁରକ୍ଷା ଦାଇତ୍ୱ ଆମ ସମସ୍ତଙ୍କର । ତେବେ ଚାଲନ୍ତୁ ଏହାର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଇବା ।

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| | **ଅନ୍ତରଙ୍ଗ ଆଳାପ** | | ୧୮ |
| | **ପଦ୍ୟ ବିଭାଗ** | | |
| ୧. | ସପ୍ତଶଯ୍ୟା | ଲଳିତକବି ଧ୍ରୁବ ଚରଣ ସ୍ୱାଇଁ | ୨୨ |
| ୨. | ଚନ୍ଦ୍ରମା ଗୋ ! ତୁମ ପରି | ସଂଯୁକ୍ତା ରାଉତ | ୨୪ |
| ୩. | ଉତ୍କଳର ମଣି ଗୁଣର ଖଣି | ପ୍ରିୟଦର୍ଶିନୀ ମହାନ୍ତି | ୨୯ |
| ୪. | କେଜାଣି କାହିଁକି ? | ସତ୍ୟ ରଞ୍ଜନ ମିଶ୍ର | ୩୨ |
| ୫. | ତିଳ ଚିହ୍ନ | ଶିବ ଚରଣ ମହାପାତ୍ର | ୩୯ |
| ୬. | ସୁନାପିଲା | ସୁବାସ ଚନ୍ଦ୍ର ମୁଦୁଲି | ୪୪ |
| ୭. | ବର୍ଷା | ଦୀନବନ୍ଧୁ ପୋଇ | ୪୭ |
| ୮. | ପ୍ରିୟତମା | ସୁନିତା ବାରିକ | ୪୯ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୯. | ଦୂରତା ବି ଏକ ବନ୍ଧନ | ତମନ୍ନା ନନ୍ଦ | ୫୨ |
| ୧୦. | ଭୁଲା ମନ | ଶ୍ରୀମତୀ ଚିନ୍ମୟୀ ମିଶ୍ର | ୫୫ |
| ୧୧. | ପ୍ରଭୁ ପରଂବ୍ରହ୍ମ | ଅବିନାଶ ବେହେରା | ୫୮ |
| ୧୨. | ଲୋଡା ନାହିଁ ମୋର | ନିବେଦିତା ମହାପାତ୍ର | ୬୦ |
| ୧୩. | ମୁଠେ ସପନେ ତୁଚ୍ଛ ଜୀବନ | ଅମ୍ରିତେଶ ଖଟୁଆ | ୬୩ |
| ୧୪. | ପ୍ରେମ ପାରିଜାତ ଫୁଲ | ନୂତନ କୁମାର ବେହେରା | ୬୫ |
| ୧୫. | ଶାମୁକାଟିଏ ମୁଁ | ଜ୍ୟୋତି ପ୍ରକାଶ ସାହୁ | ୬୮ |
| ୧୬. | ବରଷା ଆସିଛି ଧରାକୁ | ରମେଶ ଚନ୍ଦ୍ର ବେହେରା | ୭୦ |
| ୧୭. | ପ୍ରେମାଞ୍ଜଳୀ | ହୃଦୟାନନ୍ଦ ପଧାନ | ୭୨ |
| ୧୮. | କବିତା ତୁମେ | ବିଶ୍ୱଶ୍ରୀ ଦାସ<br>ଅଲେଖ ଚନ୍ଦ୍ର ବେହେରା | ୭୪ |
| ୧୯. | ଅଳସୀ ଆଖିର ସ୍ୱପ୍ନ | ସମ୍ବିତ୍ ମହାପାତ୍ର | ୭୯ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୦. | ତୁମପାଇଁ... | ରବୀନ୍ଦ୍ର ମାହାଲି | ୮୩ |
| ୨୧. | ମା | ଶୁଭଲକ୍ଷ୍ମୀ ମହାପାତ୍ର | ୮୫ |
| ୨୨. | ଜୀବନ ମରୁଭୂଇଁ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୮୮ |
| ୨୩. | ଏଇ ମୋ ଓଡିଶା | ରଞ୍ଜିତା ଦାସ | ୯୦ |
| | **ଗଦ୍ୟ ବିଭାଗ** | | |
| ୨୪. | ସପନୀର ସ୍ୱପ୍ନ | ତପସ୍ୱିନୀ ଦାଶ ଷଡଙ୍ଗୀ | ୯୮ |
| ୨୫. | ରାତିର ଅକୁହା କାହାଣୀ | ଲିପ୍ସା ଆଚାର୍ଯ୍ୟ | ୧୦୮ |
| ୨୬. | ଇଭିଲ୍ ଅଫ୍ ଦ ଡେ | ରୋଜା ପଣ୍ଡା | ୧୧୩ |
| ୨୭. | କିଏ ଥିଲା ? | ସୋନାଲି ସ୍ୱାଇଁ | ୧୧୮ |
| ୨୮. | ଧରପଗଡ ଛନକା | ପ୍ରଶାନ୍ତ କୁମାର ବେହେରା | ୧୨୨ |
| ୨୯. | କୃଷ୍ଣଚୂଡାର ପ୍ରେମିକ | ଶିବ ଚରଣ ମହାପାତ୍ର | ୧୪୦ |
| ୩୦. | ଲୀଳାମୟ ଜଗନ୍ନାଥ | ଶାନ୍ତିଲତା ସାହୁ | ୧୪୬ |


*****

# ଅନ୍ତରଙ୍ଗ ଆଳାପ

## ସଂକ୍ଷେପରେ କବିୟତ୍ରୀ...

**ନାମ :** ରୋଜା ପଣ୍ଡା

**ଜନ୍ମ ତାରିଖ :** ୨ ଡିସେମ୍ବର

**ଠିକଣା :** ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, ମଧୁପାଟଣା, କଟକ - ୭୫୩୦୧୦

**ଶିକ୍ଷା :** ଆଇ.ଟି (ଡିପ୍ଲୋମା),ଏମ୍.ଏ. (ଇଂରାଜୀ), ଏମ୍.ବି.ଏ (ଏଚ୍ ଆର୍), ଏମ୍.ଏ (ଓଡ଼ିଆ)



**୧. ଉଲ୍ଲେଖନୀୟ ସଫଳତା :** ରବୀନ୍ଦ୍ର ମଣ୍ଡପରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଏବଂ ସମ୍ମାନିତ, କୃଷି ଦର୍ଶନ କାର୍ଯ୍ୟକ୍ରମରେ ଓଡିଶାବାସୀଙ୍କୁ କୃଷି ପ୍ରଣାଳୀ ପ୍ରଶିକ୍ଷଣ ଦେବାରେ ନିଜସ୍ୱ କଣ୍ଠ ପ୍ରଦର୍ଶନ, "ସମାଜ" ଖବରକାଗଜ ଏବଂ ଶିକ୍ଷାଧର୍ମୀ ପତ୍ରିକା "ଜ୍ଞାନ ପ୍ରକାଶ"ରେ ଅତିଥି ଭାବରେ ଆଲୋଚନା, ସମାଜସେବା କାର୍ଯ୍ୟ ପାଇଁ ଆଉ ଜଣେ "ମଦର୍ ଟେରେସା" ଭାବରେ ସମ୍ମାନିତ ।

**୨. ପ୍ରିୟ ପୁସ୍ତକ :** ଭଗବତ୍ ଗୀତା

**୩. ପ୍ରିୟ ଲେଖକ/ଲେଖିକା :** ଉଇଲିୟମ ସେକ୍ସପିୟର

**୪. ରଚିତ ପୁସ୍ତକ :** ସୌମ୍ୟା, ଅମରନାଥ, ସମ୍ୟକ୍ ଚେତନା

**୫. ପୁରସ୍କାର/ସମ୍ମାନ :** ପ୍ରତିଭା ସମ୍ମାନ ଶରଧା ପୁରସ୍କାର, ଏମ୍ କରୁଣାନିଧି ଲିଟରାସି ସମ୍ମାନ, ଶ୍ରୀ ମହାବୀର ସାରସତ୍ୱ ସମ୍ମାନ, ନୂଆ ସ୍ୱର ସମ୍ମାନ, କଳା ଓ ଗବେଷଣା ପକ୍ଷରୁ ରାଜ୍ୟ ସମ୍ମାନ, ଅଥର୍ ଅଫ୍ ଦ ଇୟର ୨୦୧୮ ସମ୍ମାନ, ଓଡିଶା ସାହିତ୍ୟ ସଂଘ ପକ୍ଷରୁ ସୃଜନୀ ସମ୍ମାନ, ଜ୍ଞାନ ପ୍ରକାଶ ସାରସତ୍ୱ ୨୦୧୯ ସମ୍ମାନ ।

**୬. ଆପଣଙ୍କ ସାହିତ୍ୟ ଜଗତରେ ପ୍ରବେଶ ବିଷୟରେ ସାମ୍ୟକ ବିବରଣୀ :** ମୁଁ କଲେଜ ପଢ଼ିବା ସମୟରେ ଛୋଟ ଛୋଟ ଡ୍ରାମା ଲେଖୁଥିଲି । ସେଗୁଡିକ ନେଇ ମୋ ସାନ ଭଉଣୀ ତା'ର ସ୍କୁଲ ଆଉ କଲେଜ ବାର୍ଷିକ ଉତ୍ସବରେ ଅଭିନୟ କରୁଥିଲା । ଆଉ ସେଇ ଡ୍ରାମାରେ ଅଭିନୟ କରି ସେ ପୁରସ୍କାର ଜିତୁଥିଲା । ତା' ପରେ ଧୀରେ ଧୀରେ କିଛି କିଛି କବିତା ଲେଖିବା ଆରମ୍ଭ କଲି । ଏମିତି ଛୋଟ ଛୋଟ ଲେଖା ଦେଖି ମୋ ସ୍ୱାମୀ ଡାକ୍ତର ସୌମ୍ୟ ରଞ୍ଜନ ତ୍ରିପାଠୀ ମତେ ଆହୁରି ଲେଖିବାକୁ ପ୍ରେରଣା ଦେଲେ ଏବଂ ବିଭିନ୍ନ ସାହିତ୍ୟ

ସଂସଦକୁ ସାଙ୍ଗରେ ନେଇ ସେଠାରେ ଯୋଗ ଦେବାକୁ ଉପଦେଶ ଦେଲେ । ଆଜି ମୁଁ ସାହିତ୍ୟ ଜଗତର ଯେଉଁ ସ୍ଥାନରେ ପହଁଚିଛି ତାହା ସମ୍ଭବ ହେଇଛି କେବଳ ମୋ ସ୍ଵାମୀଙ୍କ ପାଇଁ । ମୋ ସାହିତ୍ୟ ସାଧନାକୁ ଆଗେଇ ନେଇଥିବାରୁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ।

**୭. ଆପଣଙ୍କ ମତରେ ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି :**

ବର୍ତ୍ତମାନ ସମାଜରେ ସାହିତ୍ୟର ସ୍ଥିତି ବେଶ୍ ସୃଦୃଢ ହେଇପାରିଛି । ବହୁତ କମ୍ ବୟସର ଲେଖକ ଓ ଲେଖିକା ମାନେ ସେମାନଙ୍କର ଯାଦୁଗରୀ କଲମ ମୁନରେ ନୂତନ ସାହିତ୍ୟ ସୃଷ୍ଟିକରି ଚାଲିଛନ୍ତି । ବିଭିନ୍ନ ସାହିତ୍ୟ ସଂସଦ ମାଧ୍ୟମରେ ବହୁତ ଲୁକ୍କାୟିତ ପ୍ରତିଭା ମଧ୍ୟ ଲୋକଲୋଚନକୁ ଆସିପାରୁଛନ୍ତି ।

**୮. ପ୍ରେରଣା ଇ-ପତ୍ରିକା ବିଷୟରେ କ'ଣ କହିବେ :** ପ୍ରେରଣା ପ୍ରକୃତରେ ଯୁବ ଲେଖକ ଓ ଲେଖିକାମାନଙ୍କର ପ୍ରେରଣାର ଉତ୍ସ । ସାହିତ୍ୟକୁ ଆଗକୁ ନେବାପାଇଁ ପ୍ରେରଣା ଇ-ପତ୍ରିକାର ଚେଷ୍ଟା ଅବିସ୍ମରଣୀୟ । ଏଇ ମହାନ ପଦକ୍ଷେପ ପାଇଁ ମୁଁ ପ୍ରେରଣା ସମ୍ମୁଖରେ ନତମସ୍ତକ । ଈଶ୍ଵରଙ୍କ ନିକଟରେ ଏତିକି ପ୍ରାର୍ଥନା ଦିନେ ପ୍ରେରଣା ଇ-ପତ୍ରିକା ଓଡିଆର ସର୍ବଶ୍ରେଷ୍ଠ ଇ-ପତ୍ରିକା ଭାବରେ ପରିଗଣିତ ହେଉ ।

*****

# ପଦ୍ୟ ବିଭାଗ



" ପଲ୍ଲବ-ବିତାନେ ବସି ପରଭୃତ
ପଞ୍ଚମ ଆଳାପେ କରୁଥାଏ ରୁତ ।
ହଳଦୀବସନ୍ତ ବଧୂବେଶେ ଥାଇ
କଜ୍ଜଳ ପୁରିତ ନେତ୍ରେ ଦିଏ ଚାହିଁ ।।"

**ଲଳିତକବି ଧ୍ରୁବ ଚରଣ ସ୍ୱାଇଁ**



# ସପ୍ତଶଯ୍ୟା

ଲଳିତକବି ଧ୍ରୁବ ଚରଣ ସ୍ୱାଇଁ

ହେ ଗିରି ପୁଙ୍ଗବ ! ଆରୋହଣେ ତୋ'ର
ସ୍ୱର୍ଗୀୟତା ହେଲା ଅନୁଭବ ମୋର ।
କ୍ରମେ ଯେତେ ଦୂର ହେଲି ଅଗ୍ରସର
ଭାଗୀହେଲି ତେତେ ସ୍ୱର୍ଗୀୟ ସୁଖର ॥

ଆତ୍ମ-ଧ୍ୟାନରତ ଶାନ୍ତ ଯୋଗୀଜନ
ହେଉଥାନ୍ତି ଯଥା ସୁପ୍ରସନ୍ନ ମନ ।
ଆତ୍ମା-ଅନୁଭବେ ପାଶୋରିଣ କାୟା
କ୍ରମେ କ୍ରମେ ଉପେକ୍ଷନ୍ତି ଭବ-ମାୟା ॥

ସେହିପ୍ରାୟେ ଗିରି ଆରୋହୀ ତୋ ତନୁ
ବିଷୟା-ଜଞ୍ଜାଳ ପାଶୋରିଲି ମନୁ ।

କ୍ରମେ କ୍ରମେ କରି ଦିବ୍ୟ ଅନୁଭବ
ପାଶୋରିଲି ମନୁ ଭବ-ପରାଭବ ॥

ସୁଦୂର ଶିଖରି-ବନ ବିହାରିଣୀ-
ମହାନଦୀ ବକ୍ର-ଭୁଜଙ୍ଗ-ଗାମିନୀ ।
ସାଗର ଦର୍ଶନ ମନୁ ପାଶୋରାଇ
ରହିଯାଏ କ୍ଷଣେ ତୋ ଶୋଭାକୁ ଚାହିଁ ॥

ଭବେ ସୁପ୍ରସନ୍ନା ଗାୟତ୍ରୀ ରୂପିଣୀ
ସପ୍ତର୍ଷି-ଦର୍ପଣ ତପ୍ତ ବିନାଶିନୀ ।
ଉତ୍ତରାଶେ ତୋର ମଣ୍ଡଇ ଧରଣୀ
ବକ୍ରଗତି ଚକ୍ରବାକିନୀ-ବ୍ରାହ୍ମଣୀ ॥

ଜହ୍ନିତଇଳା, ଢେଙ୍କାନାଳ



# ଚନ୍ଦ୍ରମା ଗୋ ! ତୁମ ପରି

ସଂଯୁକ୍ତା ରାଉତ

ଚନ୍ଦ୍ରମା ଗୋ !

ତୁମ ପରି କେବେ ମୁଁ ଯେ

ପାରିବିନି ହୋଇ

କଳଙ୍କର କାଳିମାକୁ ତୁମେ

ଛାତିରେ ଜାବୁଡ଼ି,

ସଭିଙ୍କୁ ପାର ଆପଣାଇ

ଶୁଭ୍ରତାର ସ୍ୱର୍ଶେ

ସ୍ନିଗ୍ଧ ଜୋଛନା ବିଚ୍ଛୁରାଇ

ସଦାସ୍ମିତ ହାସ୍ୟରେଖା

ନିଜ ମୁଖେ ଆଙ୍କି ଦେଇ,

ଗ୍ରାସିଲେ ଗ୍ରହଣ

କିଛି କ୍ଷଣ ପାଇଁ ସିନା
ଲୁଚିଯାଅ ତୁମେ
ତା'ର କରାଳ ଛାୟାରେ
କିନ୍ତୁ ...
ହଜେନା କେବେ ବି
ତୁମର ସେ
ଶୁଭ୍ର ଜୋଛନା
ନିଜ ଅସ୍ତିତ୍ୱ ହରାଇ ।

କେତେ ଉଦାର ତୁମେ
କେତେ ବିଶାଳ ସତେ
ତୁମର ହୃଦୟ
ଭୁଲି ସବୁ ଲଜ୍ୟା ଅପବାଦ
କ୍ଷଣକରେ ଜୋଛନାରେ
ମଣ୍ଡିପାର ଏ ସାରା ଜଗତ ।

ଭାଦ୍ର ଆକାଶରେ

ଛାଇଗଲେ ମେଘମାଳ

ତା' କଳା ଓଢ଼ଣୀରେ

ନିମିଷକେ ଢାଙ୍କିଦିଏ

ତୁମ ଶୁଭ୍ରମୁଖ,

ଅଭିମାନ କେବେ

ଆସେନି କି ମନେ

ନୀରବେ ନୀରବେ,

ନିର୍ଲିପ୍ତ ଚିତ୍ତରେ

ହସୁଥାଅ ସଦା

ଆପଣାଇ ସଭିଁଙ୍କୁ ଖୁସିରେ ।

ତୁମ ମହାନତାରେ

ନିଜକୁ ହଜାଇ

ଖୋଜୁଛି ଆଜି ମୁଁ

ନିଜର ବିଲୁପ୍ତ ଅସ୍ତିତ୍ୱ

ଭୁଲି ସବୁ ନିନ୍ଦା ଅପବାଦ

ସତେ କି ପାରିବି ମୁହିଁ

ସ୍ନେହ ପ୍ରୀତି ଢାଳିଦେଇ

ସେହିମାନଙ୍କୁ ଆପଣେଇ

ଯିଏ କ୍ଷତାକ୍ତ, ରକ୍ତାକ୍ତ କରିଛନ୍ତି

ମୋ' ସମଗ୍ର ଜୀବନକୁ ?

ଲୁଟି ନେଇଛନ୍ତି ମୋ' ପାଖରୁ

ମୋ' ଶୈଶବ, କୈଶୋର,

ଯୌବନର ସମସ୍ତ ସୁଖକୁ ?

କ୍ଷମା କରିପାରିବି କି

ସେ ଲୁଣ୍ଠନକାରୀଙ୍କୁ ?

ଯାହାଙ୍କ ପାଇଁ ଆଜି ମୁଁ

ସମାଜରେ କଳଙ୍କିନୀ ।

ନା ......

ନା .......

କେବେ ନୁହେଁ...
ତୁମ ପରି କେବେ ମୁଁ ଯେ
ପାରିବିନି ହୋଇ
ଅସହ୍ୟ ଯନ୍ତ୍ରଣା ସହି
ଅବିଶ୍ୱାସର ଜହର ପିଇ ।

ଏ ହିଂସାମୟ ଦୁନିଆଁରେ
ଅହିଂସାର ସ୍ଥାନ କାହିଁ ?
ଯେଉଁଠାରେ...,
ସବୁ କିଛି ଭୁଲି ଆଜି
ଏକ ହିଂସାମୁକ୍ତ
ସ୍ୱର୍ଗୀୟ ଜଗତ
ଗଢ଼ିବାକୁ ବାହାରିଛି ମୁହିଁ ?

*****

ଜୟପୁର, କୋରାପୁଟ



# ଉତ୍କଳର ମଣି ଗୁଣର ଖଣି

ପ୍ରିୟଦର୍ଶିନୀ ମହାନ୍ତି

ଉଣେଇଶ ଶହ ନଅ ମସିହାରେ
ଉତ୍କଳମଣିଙ୍କ ଆହ୍ୱାନେ,
ପ୍ରତିଷ୍ଠିତ ହେଲା ସତ୍ୟବାଦୀଠାରେ
ବିଦ୍ୟାଳୟ ବକୁଳ ବନେ ।

ସାକ୍ଷୀଗୋପାଳର ବକୁଳ ବନରେ
ଗଢ଼ିଥିଲେ ଅନୁଷ୍ଠାନ,
ସତ୍ୟବାଦୀ ବନ ବିଦ୍ୟାଳୟ ନାମେ
ଜଗତେ ରହିଲା ମାନ ।

କର୍ତ୍ତବ୍ୟନିଷ୍ଠତା ଆଦର୍ଶଶିକ୍ଷକ
ଯୋଗଦାନ ଦେଲେ ଆସି,

ବକୁଳବନଟି ଅପୂର୍ବ ଜ୍ୟୋତିରେ
    ହୋଇ ଉଠିଲା ଝଲସି ।

ଗୋପବନ୍ଧୁ, ନୀଳକଣ୍ଠ, ହରିହର
    କୃପାସିନ୍ଧୁ, ଗୋଦାବରୀଶ,
ପଞ୍ଚସଖା ନାମେ ଖ୍ୟାତି ଅଛି ରହି
    ଏହି ପଞ୍ଚମହାପୁରୁଷ ।

ଶାନ୍ତ ମନୋରମ ପ୍ରକୃତି କୋଳରେ
    ଦେଉଥିଲେ ଶିକ୍ଷାଦାନ,
ବକୁଳ ବନର ମହମହ ବାସ
    ମୋହି ନେଉଥିଲା ମନ ।

ଦେଶପ୍ରେମ ସହ ନୈତିକତା ଶିକ୍ଷା
    ସଞ୍ଜମ, ଶୃଙ୍ଖଳା ଜ୍ଞାନ,
ଧୈର୍ଯ୍ୟ,ସାହସ ଓ ପରୋପକାରିତା
    ବଢାଏ ଜୀବନ ମାନ ।

ଉତ୍କଳର ମଣି ଗୁଣର ସେ ଖଣି
ବିଦ୍ୟାଳୟ ଗଢିଲେ ସିନା,
ବିଦ୍ୟାଳୟଟିଏ ନୁହେଁ ସିଏ ଖାଲି
ମଣିଷ ଗଢ଼ା କାରଖାନା ।

*****

ଭୁବନେଶ୍ୱର


**ପ୍ରକାଶ ଅପେକ୍ଷାରେ....**

*ଧ୍ରୁବତାରା ପବ୍ଲିକେଶନସ୍ ର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା "*

ଧ୍ରୁବତାରା ପବ୍ଲିକେଶନସ୍





# କେଜାଣି କାହିଁକି ?

ସତ୍ୟ ରଞ୍ଜନ ମିଶ୍ର

ଭାରି ଇଚ୍ଛା ହୁଏ
ସୁନ୍ଦର ତୁଳୀଟିଏ ଧରି
ଆଙ୍କିଦିଅନ୍ତି କି
ତୁମ ହସ ହସ ମୁହଁର
ଛବିଟିଏ...

ଆହୁରି ବି ଇଚ୍ଛା ହୁଏ
ସୁନ୍ଦର ଶବ୍ଦମାନଙ୍କୁ ନେଇ
ଲେଖିଦିଅନ୍ତି କି
ତୁମ ବିଷୟରେ
କବିତା ଟିଏ...

କିନ୍ତୁ କେବଳ

ସୁନ୍ଦର ତୁଳୀରେ କ'ଣ

ଚିତ୍ର ଅଙ୍କାଯାଏ ?

କିନ୍ତୁ କେବଳ

ସୁନ୍ଦର ଶବ୍ଦରେ କଣ

କବିତା ଲେଖାଯାଏ ?

ଆରେ ସେଥିପାଇଁ ତ ଦରକାର ହୁଏ

ସୁନ୍ଦର ମନଟିଏ

ପ୍ରେମରେ ପରିପୂର୍ଣ୍ଣ

ସୁନ୍ଦର ହୃଦୟଟିଏ

ମୁଁ ଜାଣେ

ଅଛି ମୋ ପାଖେ ସୁନ୍ଦର ମନ

ମୋ ହୃଦୟ ବି ପ୍ରେମରେ ପୂର୍ଣ୍ଣ

କିନ୍ତୁ ପାରୁନି ମୁଁ ତୁମ ପାଇଁ

ଚିତ୍ର ଟିଏ ଆଙ୍କି ?

ପାରୁନି ମୁଁ ତୁମ ପାଇଁ କବିତା ଟିଏ ଲେଖି ?

କେଜାଣି କାହିଁକି ?...

ଇଚ୍ଛା ହୁଏ ଭାରି
ସକାଳୁ ଉଠି ତୁମର
ଅଧୁଆ ମୁହଁକୁ,
ଅପଲକ ନୟନରେ ବସି
ଦେଖୁଥାନ୍ତି କି...

ଇଚ୍ଛା ହୁଏ ଆଉ
ତୁମ ପାଖରେ ବସି,
ଟିପିଟିପି ସ୍ୱରରେ
ମନଖୋଲି ଢେର ସାରା
କଥା ହୁଅନ୍ତି କି...

ଆହୁରି ବି ଇଚ୍ଛା ହୁଏ
ତୁମ ହସ ହସ ମୁହଁକୁ
ମୋ ଦୁଇ ହାତେ ତୋଳି
ତୁମ କପାଳେ ଗାଢ଼ ଚୁମ୍ବନଟିଏ
ଆଙ୍କି ଦିଅନ୍ତି କି...

କିନ୍ତୁ କରିବି କଣ ?

ଡର ଲାଗୁଚି ମୋତେ...

ଆମ ସମ୍ପର୍କର ନା ଦେବି କଣ ?

ତୁମର ମୋର ସମ୍ପର୍କ ତ

ପ୍ରେମ ସମ୍ପର୍କ ନୁହେ ନା

ତୁମର ମୋର ସମ୍ପର୍କ ତ

ରକ୍ତର ସମ୍ପର୍କ ନୁହେ ନା...

ଡର ଲାଗୁଚି ମୋତେ

ଏ ଦୁନିଆଁ ମୋତେ

କଣ କହିବ ?

ଦୁନିଆ କଥା ଛାଡ

ଆରେ ତୁମେ ମୋତେ

କଣ ଭାବିବ ?

ବିଶ୍ୱାସଘାତକର ନାଁ ଦେଇ

ମୋତେ ପର କରିଦେବ ନା...

ମିଛୁଆ ରାଧୁଆର ସଂଜ୍ଞା ଦେଇ
ମୋ ପାଖୁ ଦୁରେଇ ଯିବ ନା...
ମୋ ହୃଦୟକୁ ଭାଙ୍ଗି ଦେଇ
କଡା କଡା କଥା କହି
ଶେଷରେ ସବୁଦିନ ପାଇଁ
ଛାଡି ଚାଲିଯିବନା ?

ହେଲେ ମୋ ଭୁଲ କ'ଣ ?
ତୁମ ଜୀବନକୁ ଆସିବା ?
ତୁମକୁ ଆପଣାର ମାନିବା ?
ତୁମ କଥା ଭାବିବା ?
ତୁମକୁ ନେଇ ସ୍ୱପ୍ନ ଦେଖିବା ?
ନା, ଆଉ କିଛି ?

ଡର ଲାଗେ ମୋତେ
ତୁମ ବିନା ବଞ୍ଚିବି କେମତି ?

ସବୁ ଇଚ୍ଛାକୁ ଭୁଲିଯାଇ
ଆଗକୁ ଯିବି ମୁଁ କେମତି ?

ଡର ଲାଗେ ମୋତେ
ତୁମକୁ କଣ ସବୁଦିନ ପାଇଁ ଭୁଲି ପାରିବି ?
ନା ତୁମ ସେ ହସୁଥିବା ମୁହଁକୁ ଭାବି
ସାରା ଜୀବନ କାନ୍ଦିବି ?
ତୁମ ପାଇଁ କ'ଣ ଆଉ କେବେ
ଚିତ୍ର ଟିଏ ଆଙ୍କିପାରିବି ?
ନା ଆଉ କେବେ ସୁନ୍ଦର ଶବ୍ଦ ଖୋଜି
ତୁମ ପାଇଁ କବିତା ଲେଖିବି ?

ମୁଁ ତ ଏତେ ଡରୁଆ ନଥିଲି
ଆଜି ମୁଁ ଏତେ
ଡରୁଆ କାହିଁକି ?
ତୁମ ବିନା ଗୋଟେ ମୁହୂର୍ତ୍ତ କାଟିବା
କଥା ଭାବିଲାବେଳକୁ

ମୁଁ ଡରୁଚି କାହିଁକି ?
କ'ଣ ଯାଦୁ କଲ ତୁମେ
ଏତେ ଶୀଘ୍ର ନିଜର ହେଇଗଲ
ଆଉ ମୋତେ ବି ନିଜର କରିଦେଲ
ତୁମସହ ରହିବା ବି କଷ୍ଟ
ଆଉ ତୁମଠୁ ଦୂରେଇବା ଶତଗୁଣ କଷ୍ଟ...

ମୁଁ କରିବି କ'ଣ ?
ଯିବି ମୁଁ କେଉଁ ରାସ୍ତାରେ ?
ଆଜି ମୁଁ ପାରୁନି ବୁଝି କିଛି...
ବେସାହାରା ପାଲଟି ଯାଇ,
ଜୀବନରେ ପ୍ରଥମ ଥର
ନା ଆଗକୁ ଯାଇପାରୁଛି
ନା ପଛକୁ ଫେରିପାରୁଛି
ଏସବୁ ମୋ ସହ ହିଁ ହେଉଛି
କେଜାଣି କାହିଁକି ?

*****

ବିରିଡି, ଜଗତସିଂହପୁର



# ତିଳ ଚିହ୍ନ

ଶିବ ଚରଣ ମହାପାତ୍ର

ଇସ୍...

ପରୀଟିଏ ଝରିଗଲା କିବା

ଆକାଶ ଝରକା କବାଟ୍ ଖୋଲିଦେଇ

କ୍ଷଣିକେ

ଦଲକାଏ ଫଗୁଣ କଏଦ୍ ହେଲା

ଆଖି ଅଗଣାରେ

ନିଜର ବୋଲି କହି...

ଖିଲି ଖିଲି ହସୁଥିଲେ ବଗିଚାର ଫୁଲ

ତାକୁ ଦେଖି

ଫୁଲସବୁ ଜଳିଗଲେ ଲାଜ ସରମରେ

ପବନକୁ ଛୁଇଁ...

ଅପୂର୍ବ ମାଧୁର୍ଯ୍ୟଭରା

ଅଙ୍ଗ ରଙ୍ଗ ମନୋରମ କାନ୍ତି

ଉପମା ଅଳଙ୍କାର ବ୍ୟାକରଣ ବିହୀନ

ଶବ୍ଦସବୁ ନିଃଶବ୍ଦ

ମୃତବତ୍ ଲୋଡୁଛନ୍ତି

କାଣିଚାଏ ପୀରତି ପ୍ରଶାନ୍ତି...

ଓଫ୍...

ସେ ହସିଦେଲା

ପ୍ରଜାପତି ତା' ଓଠରୁ ମାଗିନେଲେ

ଇନ୍ଦ୍ରଧନୁ ରଙ୍ଗ

ପାଖୁଡା ବୁଣିଲେ ସବୁ ସଞ୍ଚିତ ପରାଗ

ମୁଁ ଭ୍ରମରେ ଭ୍ରମର ସାଜି

ନିହାଣରେ ତା' ଗାଲରେ ହାଣିଦେଲି

ପ୍ରେମ ତିଳ ଦାଗ

ଏବେ ସେ ଫୁଲ, ସେ ବାସ୍ନା, ସେ ରଙ୍ଗ
ସବୁକିଛି ବୋଲକରା
ମୋ କଲମ ମୁନରେ...

ଇଛା ହେଲେ ମୁଁ ତାକୁ
କାନ୍ଭାସ୍ ରେ ସାଜିପାରେ
ଇଛା ହେଲେ ମୁଁ
ଶ୍ରାବଣରେ ଭିଜିପାରେ
ଆଉ ଇଛା ହେଲେ ମୁଁ
ଦୂର ତାଳବଣେ ଫିଙ୍ଗିପାରେ
ନିଜ ମନର ମାତାଲପଣରେ
ନିଜ ଆକାଶରେ...

ଅପସରୀ ହସିଲା ଦରୋଟି ହସଟେ
ଦୁଃଖରେ ଦୁଃଖରେ
ଖୋଜି ତିଳ ଚିହ୍ନ...
ମୁଁ ଜଳିଗଲି ଇର୍ଷା ଅନଳରେ

ଚାପିରଖି ଛାତିତଳ ମନ...
କି ଆଶ୍ଚର୍ଯ୍ୟ
ତା' ସାଥିରେ ହସୁଥିଲା ତିଳପିନ୍ଧି
ଆକାଶର ଅଲାଜୁକି ଜହ୍ନ... !

ଶୁଣିଥିଲି
ଆପଣା ସ୍ୱର୍ଗରେ ତାକୁ
କେହି କେବେ ଦେଇଥିଲା କହି
କାନ୍ଦିଲେ ଆଖି ଦୁଇଟି କାଳେ
ତା' ମୁହଁକୁ
ଶୋଭାପାଏ ନାହିଁ... !

ସେ ଲାଗିତ
ସେ ହସୁଛି
ଖରାବର୍ଷା ଶୀତ କାକର ଅହର୍ନିଶି
କଳଙ୍କ ବିନ୍ଦୁର ଖଣ୍ଡିଏ ତିଳ ଚିହ୍ନ ବୋହି...

ଶତାବ୍ଦୀର ସେପାରିରୁ ଭବିଷ୍ୟ ଆରପାରି ଯାଏଁ

ସହିବାର କଥାଟିଏ ଦେଇ...

*****

ଚକ୍ରଧରପୂର, କେନ୍ଦୁଝର







# ସୁନାପିଲା

ସୁବାସ ଚନ୍ଦ୍ର ମୁଦୁଲି

ସୁନାବେଶ ଦେଖି କାଳିଆସୁନା ତୋ
ଭାବୁଛି ମୁଁ ମନେ ମନେ
ଦୁଷ୍ଟ ହେବିନି ହେବି ସୁନାପିଲା
କହି ରଖୁଛି ତୋ କାନେ ........( ୧ )

ସୁନାର ସଂସାର ଗଢି ମୁଁ ତୋଳିବି
ତୋଷିବି ସକଳ ଜନେ
ମଧୁର ବଚନ କହିବି ସଭିଙ୍କୁ
ଦୁଃଖ ନ ରହିବ ମନେ ........( ୨ )

ସୁନାର ଫସଲେ ମାଟି ମାଆକୁ ମୋ
ସଜାଇବି ଆନନ୍ଦରେ
ହସ ଝରୁଥିବ ମୋ ଦେଶ ଭୂଇଁରୁ
ଅନାହାର ଯିବ ଦୂରେ ........( ୩ )

ସୁନାର ଭାରତ ଚୁନା କରିବାକୁ
ବଇରି ଆସିଲେ ମାଡି
ମରଣର ଭୟେ ଡରି ନ ଯାଇ ମୁଁ
ରକତ ଦେବି ନିଗାଡ଼ି ........( ୪ )

ସୁନାର ସପନେ ମୋ ଦେଶବାସୀଙ୍କୁ
ଭେଟିବି ମୁଁ ସେଇଦିନ
ଯେଉଁ ଦିନ ଯିବ ଦେଶ ସେବାକରି
ଏ ମୋର କ୍ଷୁଦ୍ର ଜୀବନ ........( ୫ )

ସୁନା ଓ ମାଟିକୁ ମଣିବି ସମାନ

ଦୁଃଖିରଙ୍କି ସେବୁଥିବି

ସେବା ମୋର ଧ୍ୟାନ ସେବା ମୋ ଜୀବନ

ସୁନାପିଲାଟିଏ ହେବି ........( ୬ )

*****

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର



# ବର୍ଷା

ଦୀନବନ୍ଧୁ ପୋଇ

ଆଷାଢ଼ ଶ୍ରାବଣେ ବର୍ଷା ଧରାକୁ ଓହ୍ଲାଇ

ସବୁରି ପ୍ରାଣରେ ହସଖୁସି ଭରି ଦେଇ ।୧।

ଶୁଷ୍କ ବୃକ୍ଷ ହୁଏ ନବ ପଲ୍ଲବିତ ଦାରୁ,

ଧରାଠାରୁ ବଳି ଆଉ କେ ଦିଶିବ ଚାରୁ ।୨।

ମେଘୁଆ ଆକାଶେ ସୂର୍ଯ୍ୟ ଲୁଚକାଳି ଖେଳ,

ବେଙ୍ଗ ସାଧବବୋହୁଏ ହୋଇଥାନ୍ତି ମେଳ ।୩।

ନୀରବେ ସହିଛି ମହୀ ତପନ ଉତ୍ତାପ,

ବରଷା ବାସରେ ତା'ର ଭିଜିଛି ସନ୍ତାପ ।୪।

କୁମୁଦ କମଳ କାଶତଣ୍ଡୀର ସମ୍ଭାର,

ଇନ୍ଦ୍ରଦେବଙ୍କ ଗଳାରେ ଦିଏ ଉପହାର ।୫।

ଗୋକୁଳ କେଦାରେ ଭ୍ରମି ହମ୍ବା ରଡିଦିଏ,

ପାଦ ଚୁପି ଚୁପି ଚାଟ ଚାଟଶାଳୀ ଯାଏ ।୬।

ପ୍ରେମ ଜୁଆରିଆ ବଧୂ ଗବାକ୍ଷର ପାଶେ,

ବିଦେଶୀ ପ୍ରିୟଙ୍କୁ ଚାହିଁଥାଏ ପ୍ରୀତି ଆସେ ।୭।

ଆସୁଥାଅ ବର୍ଷା ତୁମେ ବାରେ ଦୟା ବହି,

ଖୁସିର ବାରି ବାଣ୍ଟିଣ ଦିଅ ଏଠି ରହି ।୮।

*****

ବିଶ୍ୱେଶ୍ୱର ବିଦ୍ୟାପିଠ. ମୁଣ୍ଡେଇଲୋ,

ଢେଙ୍କାନାଳ



# ପ୍ରିୟତମା

ସୁନିତା ବାରିକ

ହୃଦୟ ଦରଜା ଡେଇଁ
ତୁ ଦେଲୁ ଯେବେ ଛୁଇଁ
ମାଟି ବି ଲାଗୁଛି ସୁନା
ଆଗୋ ମୋର ପ୍ରିୟତମା ।

ଶୁଖିଲା ମରୁଟେ ଥିଲା ଏ ହୃଦୟ
ବାରିଧି ହୋଇ ତୁ ଆସିଲୁ
ତୋ ସ୍ପର୍ଶ ପାଇ ଉଜ୍ଜୀବିତ ଏବେ
ଶୁଷ୍କ ମରୁଭୂଇଁ
ଆଗୋ ମୋର ପ୍ରିୟତମା ।

ରୁଣୁଝୁଣୁ ତୋ ପାଦ ପାଉଁଜି
କହୁଅଛି ବାରବାର

ତୁ ମୋ ଜୀବନ ତନ୍ତ୍ରୀର

ମଧୁର ମୂର୍ଚ୍ଛନା

ଆଗୋ ମୋର ପ୍ରିୟତମା ।

ତୋ ନାଲି ଓଠ ଧାରେ

ନିରୋଳା ହସ

ଲାଗେ ସଜଫୁଟା ଫୁଲ ପରେ

ଢଳ ଢଳ କାକର ବିନ୍ଦୁର ଗାର

ଆଗୋ ମୋର ପ୍ରିୟତମା ।

କଜଳ ସଜଳ ତୋ'ର ସେ ଚାହାଁଣୀ

ଲାଗେ ଭାରି ନିରିମାଖି

ସେ ଆଖିରେ ଥରେ

ବୁଡିବାକୁ ଇଛା

ଆଗୋ ମୋର ପ୍ରିୟତମା ।

ହେ ମୋର ପ୍ରିୟତମା
ରୂପସୀ ଷୋଡଶୀ କନ୍ୟା
ଅପରୂପା ତିଲୋତ୍ତମା
ତୋ ବିନା ଆଉ ଏ ହୃଦୟ ଦରଜା
ଡେଇଁବା ସଭିଙ୍କୁ ମନା,

ଆଗୋ ମୋର ପ୍ରିୟତମା
ମୋ ଜୀବନ ମଧୁରିମା
ତୋ ବିନା ଏ ପଥ ଚାଲିବାଟା କଷ୍ଟ
ଆଗୋ ମୋର ପ୍ରିୟତମା ।

*****

ଦକ୍ଷିଣକାଳୀ ରୋଡ଼୍, ଢେଙ୍କାନାଳ



# ଦୂରତା ବି ଏକ ବନ୍ଧନ

ତମନ୍ନା ନନ୍ଦ

ତ୍ୟାଗର ସୁଖକୁ କ'ଣ,
ଭୋଗ କରିପାରେ ପୂର୍ଣ୍ଣ,
ହୁଏତ ତୁମେ ଚନ୍ଦ୍ରମା,
ଆଉ ମୁଁ ଯେ ବାମନ,
କିନ୍ତୁ ବଞ୍ଚିଛି ଏହା ଭାବି,
ଦୂରତା ବି ଏକ ବନ୍ଧନ ।

ହୁଏତ ମୁଁ ପୃଥିବୀ,
ତୁମେ ଯେ ଅସୀମ ଗଗନ,
ନହୋଇ ପାରେ ଯଦିଓ,
କେବେ ଆମ ମିଳନ,

ତଥାପି ଏହା ଆଶ୍ୱାସନା ଦିଏ ମୋତେ,

ଯେ, ଦୂରତା ବି ଏକ ବନ୍ଧନ ।

ବାସ୍ତବତାର ଆଇନାରେ,

ହୋଇପାରେ କଳ୍ପନା ମୋ ଚୂର୍ଣ୍ଣ,

ଅମାବାସ୍ୟାର ଚନ୍ଦ୍ରମା ତୁଲ୍ୟ,

ହୁଏତ ଅପୂର୍ଣ୍ଣ ସବୁ ସ୍ୱପ୍ନ,

କିନ୍ତୁ ମୁଁ ଏହା ଭାବଇ,

ଦୂରତା ବି ଏକ ବନ୍ଧନ ।

ଚକୋର ଚନ୍ଦ୍ରମାକୁ ଅନାଇବା ପରି,

ମୁଁ ଦେଇଛି ତୁମକୁ ମୋ ପ୍ରାଣ,

ଚାତକ ବର୍ଷାକୁ ଅପେକ୍ଷା କରିବା ପରି,

ତୁମ୍ଭ ଫେରିବାକୁ ଚାହିଁରହିଛି ଏ ମନ,

ଯଦି ତୁମେ ନ ଫେର ତେବେ ଏହା ଉତ୍ତର,

ଯେ, ଦୂରତା ବି ଏକ ବନ୍ଧନ ।

ହୋଇପାରେ ଏହା ଏକ ଭ୍ରମ,

ଯେ, ସାର୍ଥକ ହେବ ଆମ ପ୍ରେମ,

ତୁମ ଠାରେ ହଜିଯାଇ, ମଜ୍ଜିଯାଇଅଛି ମନ,

ତୁମକୁ ଉତ୍ସର୍ଗୀକୃତ କରିଅଛି ମୋ ଜୀବନ,

ତଥାପି ଯଦି ଜୀବନ ରହେ ଅପୂର୍ଣ୍ଣ,

ବଞ୍ଚିବି ଏହି ଭାବେ ବାନ୍ଧିହୋଇ,

ଯେ, ଦୂରତା ବି ଏକ ବନ୍ଧନ ।

*****

ପାନ୍ଧଡା, ମୟୂରଭଞ୍ଜ



# ଭୁଲାମନ

ଶ୍ରୀମତୀ ଚିନ୍ମୟୀ ମିଶ୍ର

ଭୁଲାମନ, କଳାଜହ୍ନ ତୋ'ର ଗଣ୍ଠିର ଧନ
ଭୁଲିବୁ ନାହିଁ ତୁ ଜଗତ ସାଇଁଙ୍କୁ
ଭୁଲିଗଲେ ଦୁଃଖେ କାଟିବୁ ଦିନ, ଭୁଲାମନ...|୧|
ଭରସା କରିବୁ ସେ ବେନି ପାଦକୁ
ଭ୍ରମରେ ନପଡି ଭୁଲିବୁନି ତାଙ୍କୁ
ଭରି ରହିଅଛି ସେ ପାଦେ ଅମୃତ
ଭୀତ ଛାଡି ସୁଖେ କର ତୁ ପାନ, ଭୁଲାମନ...|୨|
ଭାବି ଭାବି ମନ ସରିଯିବ ଦିନ
ଭାବୁକ ହୋଇଲେ ବୃଥା ଏ ଜୀବନ

ଭାବନାକୁ ଛାଡି ଭକ୍ତି ଅର୍ଘ୍ୟ ବାଢି

ଭଜନ କର ତୁ ଚକାନୟନ, ଭୁଲାମନ...|୩|

ଭଗବାନ ପରା ତୋ ହୃଦେ ଅଛନ୍ତି

ଭରିଦେବେ ତୋତେ କେତେ ସୁଖ ଶାନ୍ତି

ଭସା ବାଦଲରେ ଭାସି ଯିବ ଦୁଃଖ

ଭବ ଭୟ ତୋ'ର ହେବ ଖଣ୍ଡନ, ଭୁଲାମନ...|୪|

ଭଲମନ୍ଦ ସବୁ ଜାଣୁଛନ୍ତି ସେହୁ

ଭଲ କର୍ମେ ସୁଖ ଦେବେ ମହାବାହୁ

ଭଲ କର୍ମ ଯେବେ ନକରିବୁ ତୁହି

ଭାବବିନୋଦିଆ ଦେବେ କଷଣ, ଭୁଲାମନ...|୫|

ଭ୍ରମର ଯେପରି କରେ ମଧୁପାନ

ଭଜୁ ଥିବୁ ହରି ନାମକୁ ତେସନ

ଭାସିଗଲା ବେଳେ ଏ ଭବ ସାଗରେ

ଭାବଗ୍ରାହୀ କରିଦେବେ ତାରଣ, ଭୁଲାମନ...|୬|

ଭକ୍ତି, କର୍ମ, ଜ୍ଞାନ ଗୀତା ସାରବାଣୀ
ଭକତିରେ ବନ୍ଧା ସେ ବାଙ୍କ ଚାହାଣୀ
ଭକ୍ତି ଡୋରେ ତାକୁ ବାନ୍ଧି ଦେବୁ ଯେବେ
ଭକ୍ତପ୍ରେମୀ ତୋତେ ଦେବେ ଶରଣ, ଭୁଲାମନ...|୭|

*****

ପ୍ରାଚୀ ବିହାର, ପଳାଶୁଣି,
ଭୁବନେଶ୍ୱର





ସପ୍ତଶଯ୍ୟା ଗିରି ଅତି ମନୋରମ
ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ ।
ନିଖିଳ ଉତ୍କଳ ପୁଣ୍ୟ-ଗଉରବ
ସ୍ତୂପାକାରେ ଯହିଁ ତୁମ୍ଭେ ନୀଳନଭ ।।

ଧ୍ରୁବତାରା ପବ୍ଲିକେଶନସ୍



# ପ୍ରଭୁ ପରଂବ୍ରହ୍ମ

ଅବିନାଶ ବେହେରା

ପ୍ରଭୁ ପରଂବ୍ରହ୍ମ ଜଗତ କରତା
ତୁମରି ଚରଣେ ନୁଆଁଏ ମଥା ।

କୃପା ଲଭି ମୁଁ ଯେ ଅଇଲି ସଂସାରେ
ଭଲବୁଦ୍ଧି ଦିଅ ପ୍ରଭୁ ମୋଠାରେ ।

ଦୀନଜନଙ୍କର ସେବାରେ ଜୀବନ
କୁଚିନ୍ତାରୁ ଅପସରି ଯାଉ ମନ ।

ସୁକର୍ମ କରିବାକୁ ଦିଅ ଆଶିଷ
କୁକର୍ମରୁ କରିଦିଅ ମୋତେ ନିବୃତ ।

ଉତ୍ତମ ଭାବନା ଭରିଦିଅ ମନେ
ବିଦ୍ୟାର କୁସୁମ ଫୁଟୁ ମୋ ଜୀବନେ ।

ସତ୍ୟ ଅହିଂସାର ମନ୍ତ୍ରରେ କର ମନ୍ତ୍ରିତ
ଭଲବାଟେ ଚାଲିବାକୁ କର ପ୍ରବର୍ତ୍ତିତ ।

ପ୍ରଭୁ ପରଂବ୍ରହ୍ମ ଜଗତ କରତା
ତୁମରି ଚରଣେ ନୁଆଁଏ ମଥା ।

ପରମ ଈଶ୍ୱର ଶ୍ରୀକ୍ଷେତ୍ର ବିହାରୀ
ତମରି ଚରଣେ ମୋ ଏତିକି ଗୁହାରି ।

*****

ସଂସ୍କୃତ ଶିକ୍ଷକ,
କୁଳିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ
ମୟୂରଭଞ୍ଜ



# ଲୋଡା ନାହିଁ ମୋର

ନିବେଦିତା ମହାପାତ୍ର

ଲୋଡା ନାହିଁ ମୋର ଫୁଲର ଝୁଲଣା
ଲୋଡା ନାହିଁ ସ୍ୱର୍ଗ ସୁଖ
ଲୋଡା ନାହିଁ ମୋର ଚାନ୍ଦର ଅଗଣା
ମାଆ କୋଳେ ମୋ ଆନନ୍ଦ ॥

ଲୋଡା ନାହିଁ ମୋର ପାରିଜାତ ପୁଷ୍ପ
ଲୋଡା ନାହିଁ ବଇଭବ
ଲୋଡା ନାହିଁ ମୋର କୁବେର ଭଣ୍ଡାର
ତା' ପଣତରେ ମୋ ଲୋଭ ॥

ଲୋଡା ନାହିଁ ମୋର ରାଣୀ ହଂସପୁର
ଲୋଡା ନାହିଁ ରତ୍ନ ଖଟ
ଲୋଡା ନାହିଁ ମୋର ସୁସ୍ୱାଦ ବ୍ୟଞ୍ଜନ
ହାତ ରନ୍ଧା ତା' ଅମୃତ ॥

ଲୋଡା ନାହିଁ ମୋର ସେବା ମହୋଷଧି
ଲୋଡା ନାହିଁ ଜଡିବୁଟି
ଲୋଡା ନାହିଁ ମୋର କାଉଁରି ପରସ
ତା' ସ୍ପର୍ଶେ ମିଳଇ ଶାନ୍ତି ॥

ଲୋଡା ନାହିଁ ମୋର ବିଭୁ ଆରାଧନା
ଲୋଡା ନାହିଁ ପୂଜା ଜପ
ଲୋଡା ନାହିଁ ମୋର ବ୍ରତ ଉପବାସ
ତା' ସେବାରେ ମିଳେ ମୁକ୍ତି ॥

ଲୋଡା ନାହିଁ ମୋର ତୀର୍ଥ ପୂଣ୍ୟ ଫଳ

ଲୋଡା ନାହିଁ ଧର୍ମ କର୍ମ

ଲୋଡା ନାହିଁ ମୋର ଯିବା ଚାରିଧାମ

ତା'ପାଦେ ସକଳ ସୁଖ ॥

*****

ମୁକୁନ୍ଦ ମିଶ୍ର ନଗର, ପୁରୀ





# ମୁଠେ ସପନେ ତୁଚ୍ଛ ଜୀବନ

ଅମ୍ରିତେଶ ଖଟୁଆ

ପୀରତି ନବୀନ ନିଦାଘ ପୁଲକ ପରି
କାଇଁ ବହୁଛି ଉଷ୍ଣ ଅପଲକ ଅପରାହ୍ନେ ଶୁଭ,
ମୋତେ ଜାବୁଡି ଧରିବାକୁ ସତେକି ଉଦ୍ୟତ
ଉଦବେଗ ଆକାଂକ୍ଷିତ ଅବା
ମୋତେ ଧରିନେଇ ପଳେଇବ ଅଦୂରେ
କଳକଣ୍ଠ ପ୍ରଥିତ ଉପକଣ୍ଠେ
ନୀଳ ନୀରଦ ସଙ୍ଗେ, ଆପଣା ରତିକାନ୍ତ !

ତନ୍ଦ୍ରାର୍ଦ୍ର ଇଙ୍ଗିତେ ମୋତେ ମୋହିତ କରୁଛି
କାଇଁ ବହୁଛି ମରୁତର ଝୀନ ଆସ୍ତରଣ ପ୍ରଶସ୍ତେ,
ଲଂଘିବାର ସଂଗୋପିତ ଅମ୍ଳାନ, ଅକ୍ଳେଶ ଓଠର ତଳେ

ସ୍ମୃତି ସହ ଏକ ଅବଗାହନେ

ମୋତେ ଟାଣି ନେଉଛି ଫେରନ୍ତା ଭଙ୍ଗା ପରି

ଉଷ୍ଣ ଭଙ୍ଗା ବୋଲି ଡାକିବାକୁ ଆକୁତି

ନୀଳିମା ନେପଥ୍ୟେ ମୋତେ ନେବ କି ବାହି  !

ମୁଠେ ସପନେ ତୁଚ୍ଛ ମୋର ଜୀବନ

ମୁଲକ ଚବୁତରା ପାଶେ କାଚ ବି ନିମିତ୍ତ ପ୍ରଳାପ,

ସବୁ ସମ୍ମୁଖୀନ ତ୍ରସ୍ତ ଦରଦୀପଣ

ଏବେ ଡାକେ କିଆଁ ଦୁନିଆଁର ଦୀର୍ଣ୍ଣମାଟି

ଦୀର୍ଘମିଆଦୀ ଜାନ୍ତବୁଁ

ମୋତେ ନେବ କି ଓଟାରି  !

*****

୨୩୭, ଫେଜ୍ - ୨, କାନନ ବିହାର, ପଟିଆ,

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪



# ପ୍ରେମ ପାରିଜାତ ଫୁଲ

ନୂତନ କୁମାର ବେହେରା

ପ୍ରେମ ପାରିଜାତ ଫୁଲ
ମନ ଉପବନେ ନିତି ଫୁଟେ
ପାଇଗଲେ ହୃଦୟ ଦେଇ ଭଲ,
ଭାବନାରେ ତା ମହକ
ଆଣେ ଅସରନ୍ତି ଫୁଲକ
ସପନେ ତା ରୂପ ରଙ୍ଗ
ଆଖି ଆଗେ କରେ ଝଲମଲ ।

ତୁମକୁ ପ୍ରଥମ ଥର
ଦେଖିଥିଲି ଯେଉଁ ଦିନ,
ଭାବିଲି ଆକାଶରୁ କି

ଖସି ପଡ଼ିଲା ପୁନେଇଁ ଜହ୍ନ ।

ହୃଦୟେ ମୋ ସାଇତି ରଖି
ମନେ ମନେ ଝୁରେ ତୁମକୁ,
ଦୂରେ ଦୂରେ ଥିବ କେତେ ଦିନ
କେବେ ଆସିବ ପାଖକୁ ?
ଅଦେଖା ଏ ଭଲ ପାଇବା
ତନୁ ମନର ଭାବ ପ୍ରବଣତା,
ଯେତେ ବୁଝାଇଲେ ବୁଝେନା ମନ
ଖୋଜିବୁଲେ ତା'ର ସାର୍ଥକତା ।

ଏ ପ୍ରେମକୁ କରିବାକୁ ବାସ୍ତବ
ଲୋଡାହୁଏ ପରସ୍ପରର ଆନ୍ତରିକତା,
ଦୁଇ ହୃଦୟ ଆତ୍ମା ହେଲେ ଏକ
ରହେ ନାହିଁ ଆଉ ବାଧ ବାଧକତା ।

ପ୍ରେମ କେବେ ହୋଇ ପାରେନା
ନିଜ ଇଚ୍ଛାରେ ଏକତରଫା,
ପ୍ରେମ ଚିରନ୍ତନ ଅନାବିଳ ଆକର୍ଷଣ
କରେ ସିଏ ମନ ଯା'ର ସଫା ।

ସାରା ସଂସାରର ଅନନ୍ୟ ଉପହାର
ଅମଉଳା ଏ ପ୍ରେମ ପାରିଜାତ ଫୁଲ,
ସଦ୍ୟ ପ୍ରସ୍ଫୁଟିତ ପରି ଥାଏ ସଦା
ରୂପ ରଙ୍ଗ ରସେ ସେ ଡଉଲଡାଉଲ ।

ହୋଇଥିଲେ ମୁଁ ତା'ର ପ୍ରକୃତ ଉପାସକ
ପାଇବି ଦିନେ ତୁମ ସାନ୍ନିଧ୍ୟ,
ହୃଦୟେ ରଖି ଭରସା ବିଶ୍ୱାସ
ନିଜଠାରେ ନିଜେ ହୋଇଛି ପ୍ରତିଜ୍ଞାବଦ୍ଧ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ



# ଶାମୁକାଟିଏ ମୁଁ

ଜ୍ୟୋତି ପ୍ରକାଶ ସାହୁ

ଶାମୁକାଟିଏ ମୁଁ ...

ବାଲୁକାର ଶେଜେ ପଡିରହିଛି ... ଏକା ଏକା ।

ଜାଣେନା କେବେ ଯେ ସରିବ ମୋର .. ସାଗର ପାଇଁ ପ୍ରତୀକ୍ଷା ?

ସାଗର ପାଇଁ ବୋଧେ ତୁଚ୍ଛ ମୋ ଜୀବନ ।

ତା ପାଇଁ ସାଇତା କିନ୍ତୁ ମୋର ପ୍ରତିଟି ସ୍ପନ୍ଦନ ॥

ଇଚ୍ଛା ହେଲେ ମତେ ସାଥେ ନେଇ ଯାଏ ...

ସପନର ବାଲିଘରେ ମତେ ସେ ସଜାଏ ...

ପୁଣି ଅବିବେକି ସାଜି ... ଛାଡି ମତେ ଚାଲିଯାଏ ॥

ଶାମୁକାଟିଏ ମୁଁ ...

ତଥାପି ମନେ ମୋର ରହିଯାଏ ଆଶା ।

ଦିନେ ସେ ବୁଝିବ ମୋ ହୃଦୟର ପରିଭାଷା ॥

କେବେ ସେ ଆସି ଡାକି ନବ ମତେ ...

ଆସୁ ପଛେ ଝଡ ... ଜୁଆର ଭଙ୍ଗା ... ॥

ଶାମୁକାଟିଏ ମୁଁ ....

ସୀମାହୀନ ସେଇ ସାଗର କୂଳରେ... ବୁଝାଇ ନିଏ ମନକୁ ମୋର ।

ସାଥୀହୀନ ସବୁ ଏଠି ... କିଏ ବା କାହାର ।

ଏଇ ଦୁନିଆଁ ଅଟେ ସ୍ୱାର୍ଥପର ॥

*****

କାମାକ୍ଷାନଗର, ଢେଙ୍କାନାଳ



# ବରଷା ଆସିଛି ଧରାକୁ

ରମେଶ ଚନ୍ଦ୍ର ବେହେରା

ବହୁ ଅପେକ୍ଷାର ଅନ୍ତ ହୋଇଅଛି
ବରଷା ଆସିଛି ଧରାକୁ
ସବୁଜିମା ଭରା ପୁଣ୍ୟ ବସୁନ୍ଧରା
ଖୁସି ମାନଉଛି ନିଜକୁ ॥

ଗ୍ରୀଷ୍ମର ତାତିରୁ ତ୍ରାହି ମିଳିଅଛି
ବରଷା ରାଣୀକୁ ପାଇ କି
ଗଛଲତା ବଣ ପଶୁପକ୍ଷୀ ନର
ନାଚୁଛନ୍ତି ଡେଇଁ ଡେଇଁ କି ॥

ଚାଷ କାମ ପାଇଁ ଅଣ୍ଟା ଭିଡିଲେଣି
କୃଷକ ଭାଇଏ ନିଜକୁ

ତାଙ୍କ ବଳିଦାନ ଦେଶ ପାଇଁ ହିତ

ଦାନା ଯୋଗାଉଛି ଦେଶକୁ ॥

ବର୍ଷାର ସ୍ପର୍ଶରେ ଧରିତ୍ରୀ ମାତାକୁ

ଭରିଛି ଅଶାର କିରଣ

ସେହି କିରଣରେ ଜୀବଜଗତରେ

ଦୁଃଖ ହୋଇଯିବ ହରଣ ॥

*****

ବାଟୀ,ସିମୁଳିଆ,

ବାଲେଶ୍ୱର



# ପ୍ରେମାଞ୍ଜଳୀ

ହୃଦୟାନନ୍ଦ ପଧାନ

ପ୍ରୀତି ମନ୍ଦାକିନୀ ପୀରତି ବଣରେ ପ୍ରେମଭିକ୍ଷା ମାଗିଥିଲ
ପ୍ରେମିଳରସାକ୍ତ ଫଳକୁ ଖୁଆଇ ପ୍ରେମିକ ପ୍ରବର କଲ ।
ଢାଳିଦେଲ ତୁମ ଅଫୁଟା ଯୌବନ ପୂର୍ଣ୍ଣ ଆଞ୍ଜୁଳା ଭରି
ହୃଦୟଟା ମୋର ଆନନ୍ଦେ ନାଚିଲା ସମୁଦ୍ରେ ଯେସନେ ତରୀ ।
ପ୍ରେମିଳ ଯାମିନୀ ହେ ମଧୁକାମିନୀ ସୁନ୍ଦର ନୀତମ୍ବିନି
ସୁବକ୍ଷ ଧାରିଣୀ ଆଗୋ ପ୍ରେମାଙ୍ଗୀନି ପୀରତି ମଧୁରଭାସିନି ।
ତମାଳ ବଣର ତାଣ୍ଡବ ପାହାଡେ ଦେଲ ପ୍ରୀତି ଉପହାର
ହୃଦୟଟା ମୋର ହେଲା ଉନ୍ମାଦନା ସାଜିଲି ବାଚାଳ ବର ।
ଗନ୍ଧମୃଗ ଦେଖି କହିଲ ଗାର୍ନ୍ଧବି କର ମୋର ମନବାଞ୍ଛା
ମନଃପୁତ ହେଲି ଆଣିବି ନିଶ୍ଚୟ ସମ୍ପୂର୍ଣ୍ଣ କରିବି ଇଚ୍ଛା

ମଧୁଚନ୍ଦ୍ର ଦେଖି ଡରିଯାଅ ସାଥି କି ଖେଳିବ ମଧୁତ୍ସବ
ଡରୁଛକି ପ୍ରିୟା ଡରନାହିଁ ତୁମେ ମୋ ସତେ ଭ୍ରମୁଥିବ ।
ଆଗୋ ମଧୁମାଖି ମଦନ ବାଣରେ ମନ୍ଥି ହୋଇଥିଲ ବଣେ
ଦେଖି ମୋ ମଦନ ମୋହନ ରୂପକୁ ପାଗିଳିନି ହେଲ ପ୍ରାଣେ ।
ପୀରତିର ମଧୁ ପିଆଲା ପିଆଇ କରିଲ ପ୍ରେମିକବର
ପ୍ରେମାଞ୍ଜଳୀ ତୁମେ ରହିଥିବ ନିତି ଏହି ହୃଦୟରେ ମୋର ।

*****

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର



# କବିତା ତୁମେ

ବିଶ୍ୱଶ୍ରୀ ଦାସ ଓ ଅଲେଖ ଚନ୍ଦ୍ର ବେହେରା

କବିତା ଗୋ
ତୁମେ ତନ୍ଦ୍ରାଭିଭୂତ
ଚେତନାର ସଚେତ ରୂପ,
ତୁମେ ସ୍ୱର୍ଣ୍ଣାନୁପମ
ଭାବନାର ବାସ୍ତବ ସ୍ପର୍ଶ ।

କବିତା ଗୋ
ତୁମେ ଚାନ୍ଦ-କୁମୁଦ
ଗୁପ୍ତ ପୀରତି ଭାଷା,
ତୁମେ ଶେଫାଳୀ-ରବି
ମିଳନ ମୁହୂର୍ତ୍ତ ଉଷା ।

କବିତା ଗୋ

ତୁମେ ଜ୍ୟୋସ୍ନା ବିଚ୍ଛୁରିତ

ନୀଳାଭ ଗଗନେ ଇନ୍ଦୁ

ତୁମେ ନବଯୌବନା କାମିନୀ ହୃଦୟେ

ଅବ୍ୟକ୍ତ ଭାବନା ସିନ୍ଧୁ ।

କବିତା ଗୋ

ତୁମେ କଳ୍ପନା ରାଇଜେ

ସୁକୁମାରୀ ରାଜଜେମା;

ସ୍ୱପ୍ନ ଅଗଂନେ ବିଚରଣ କର

ପାରି ସ୍ମୃତିର ଓଢଣା ।

କବିତା ଗୋ

ତୁମ ଶବ୍ଦ ନୂପୁର ଝଙ୍କାରେ ଝଙ୍କୃତ

କବି ହୃଦୟ ସ୍ପନ୍ଦନ

ତୁମ ଅର୍ଥ ପିଆଲା ପିଇ ମତୁଆଲା
ପିପାସୁ ପାଠକ ମନ ।

କବିତା ଗୋ
ତୁମେ ପ୍ରୀତିପୁଷ୍ପ ଗୁନ୍ଥା
ଆବେଗ ବରଣମାଳା,
ହୃଦୟ ବେଦୀରେ ବରଣ କରିଛ
କବିପ୍ରାଣ ଉନ୍ମାଦନା । *( * ବିଶ୍ୱଶ୍ରୀ ଦାସ )*

********************

ଆହ୍ଲାଦିତ ଆତ୍ମା ପ୍ରହଲ୍ଲାଦ ପ୍ରେମ
ବିଷ୍ଣୁ ପଦପଦ୍ମ ତୁମେ
ଉନ୍ମାଦନା ଭରା ହୃୟଦ୍ୟ ପିଞ୍ଜରା
ଭିତର ଇତର ନାମେ
କବିତା ଗୋ ଏଇ ମଞ୍ଜୁଳ କଜ୍ୱଳ
ସଞ୍ଜରେ ଉଜ୍ୱଳ ତୁମେ ...

ଅନ୍ତର୍ନାଦ ଯେବେ ଆତ୍ମଗୋପନରେ
ଗୋପନ ସ୍ୱପ୍ନରେ ଲୁଚେ
ଅଋତୁ ମୌସୁମୀ ଉତ୍ତରା ପବନ
ସାଥିରେ ସଲିଳ ସିଞ୍ଚେ
କବିତା ଗୋ ତୁମ କୋଳରେ କୁହୁଳା
ବ୍ୟଥାକୁ ଆଖିରୁ ସଞ୍ଚେ ...

ହାହାକାର ଏଇ ଅଚାରା ଭୂମିରେ
କଣ୍ଟକିତ ତରୁ ତଳେ
ଭାବନାକୁ ଚେଇଁ ଉଠାଏ ଯେବେ ମୁଁ
ଶୋଷିଲା ଜୀବନ ମେଳେ
କବିତା ଗୋ ତୁମେ ଶିତଳ ମେଘରେ
ଆସ ଶବ୍ଦ ତାଳେ ତାଳେ ...

ଅପହଞ୍ଚ ଏଇ ପୁଣ୍ୟ ଅଟ୍ଟାଳିକା
ସ୍ୱର୍ଣ୍ଣ ଲାଗେ ନଭଫୁଲ

ଅନିର୍ବାଯ୍ୟ କିନ୍ତୁ କ୍ଲାନ୍ତ-ଉପହାର

ହେଉ ମନ୍ଦ କିମ୍ବା ଭଲ

କବିତା ଗୋ ତୁମେ ମାଟିର ଦୀପରେ

ଶୁଷ୍କ ସଳିତାର ତେଲ ...    *( **  ଅଲେଖ ଚନ୍ଦ୍ର ବେହେରା)*

*****

* ବାଲେଶ୍ୱର

** ଅଙ୍ଗାରବନ୍ଧ, ଅନୁଗୁଳ



# ଅଳସୀ ଆଖିର ସ୍ୱପ୍ନ

ସମ୍ବିତ୍ ମହାପାତ୍ର

ଅଳସୀ ଆଖିର ସ୍ୱପ୍ନରେ ତୁମେ
ଆସିଥିଲ ପ୍ରିୟା ଚାଲି,
ନିଝୁମ ରାତିର ଶେଷ ପାହାଚରେ
ପ୍ରୀତିର ପିୟୂଷ ଭରି ।

ଶଙ୍କିତ ତବ ଚରଣ ଯୁଗଳେ
ନୁପୁର ତୋଳିଲେ ରାଗ,
ରୁଣ୍ଣୁଝୁଣ୍ଣୁ ତୁମ କଙ୍କଣ ସୁରେ
ଝଙ୍କୃତ ହେଲା ହୃଦ ।

ନିଶୀଥ ପ୍ରହରେ, ନୀରବ ନିଶାରେ
ଦିଶୁଥିଲ ଅଧା ଅଧା,

ମହାକାଇ ଦେଲା ତନୁମନ
ତୁମ ଗଭାର ରଜନୀଗନ୍ଧା ।

ଗୋଲାପୀ ତୁମର କୋମଳ ଅଧର
କ୍ରମଶଃ ଥରିଲା ଥିରେ,
"ଉଠ ପ୍ରିୟତମ ଆସିଛି ମୁଁ ଆଜି"
ହସି କହିଦେଲ ଧିରେ ।

ଢାଳିଦେଇ ଥିଲ କେତେ ଅଭିସାର
ଆନତ ପଲକ ତଳେ,
ଢଳିଥିଲ ନିଜେ, ହଜିଥିଲ ଲାଜେ
ପ୍ରିୟା ମୋର ଛାତିପରେ ।

ଗଭୀର ପ୍ରଣୟେ ସଂଶୟ ଛାଡ଼ି
ମିଶିଗଲା ଚାରି ହାତ,

ଚୁମ୍ବନ ରାଗେ ନାଚିଲେ ଅଧର
(ଆମେ)ଲଭିଲେ ଜଗତ ସୁଖ ।

ତୁମକୁ ନିବିଡ଼େ, ଧରି ବକ୍ଷରେ
ବାନ୍ଧିଲି ବାହୁ ମୋର,
ପାହାନ୍ତି ରାତିରେ ଭରିଗଲ ମଧୁ
ମୁଖେ ମୋର ବାରମ୍ବାର ।

ସରୁଥିଲା ରାତି, ଝରୁଥିଲା ମଧୁ
ଘନ ହେଲା କ୍ରମେ ରାସ,
ଖେଳି ଯାଉଥିଲା ଶିହରଣ ଦେହେ
ପୁରୁଥିଲା ପ୍ରୀତି ଆଶ ।

ଜୀବନ କୁସୁମ ମହକି ଉଠିଲା
ତୁମ ପରିଚୟ ପାଇ,

ପୁଲକିତ ପ୍ରାଣ, ତନ୍ମୟ ମନ

ପ୍ରଣୟ ସଙ୍ଗୀତ ଗାଇ ।

ହେଲେ ସେହି ରାସ କ୍ରମେ ହେଲା ଶେଷ

ସକାଳ ଆସିଲା ଚାଲି,

ଅଳସୀ ଆଖିର ସପନରେ ପ୍ରିୟା

ଦେଖାହେବା ପୁଣି କାଲି ।

*****

କୁମାରାଙ୍ଗ ଶାସନ, ବାଣପୁର, ଖୋର୍ଦ୍ଧା



# ତୁମପାଇଁ...

ରବୀନ୍ଦ୍ର ମାହାଲି

ଫେରିବା ବାଟରେ...
ଅପେକ୍ଷାରେ ଥିବି,
ସାତସପନକୁ ଦେଖିବା ପାଇଁ...
ଯେମିତି ଖୁସିରେ ନାଚିବ ଏ ଅବୁଝାମନ ପାଗଳଟେ ପରି ।

ଚଲାପଥରେ...
ତୁମସହ ସବୁବେଳେ ଥିବି,
ବାଟର ବାଟୋଇଟିଏ ସାଜି...
ଯେମିତି ସବୁଖୁସି ନେଇ ବିକଳହେବ ମୋ ପ୍ରେମ ପାଇ ।

ପ୍ରତି ଶୟନରେ...
ତୁମପାଇଁ ସବୁଦିନ ଆସୁଥିବି,

ଫୁଲର ପସରା ନେଇ...

ଯେମିତି ତୁମ ମନ ଚାହେଁ ଶୋଇବା ପାଇଁ ।

ପ୍ରତି ବିଶ୍ୱାସରେ...

ଲକ୍ଷେ ଖୁସି ବୁଣିଦେବି, ଦୂର ସରଗକୁ ଯାଇ...

ଯେମିତି ଶ୍ରାବଣ ଆଣେ

ଖୁସିର ବରଷା ପ୍ରକୃତିର ହସ ପାଇଁ ।

ପ୍ରତି ମୁହୂର୍ତ୍ତରେ...

ତୁମସହ ଥିବି,

ପାଗଳ ପ୍ରେମିକଟେ ସାଜି...

ଯେମିତି ଏ ଆଖି ଚାହେଁ

ତୁମ ଆଖିମିଟିକା ମୋ ଖୁସି ପାଇଁ ।

*****

ବାଙ୍ଗିରିପୋଷି , ମୟୂରଭଞ୍ଜ



# ମା

ଶୁଭଲକ୍ଷ୍ମୀ ମହାପାତ୍ର

ପ୍ରେମ ପ୍ରଣୟିନୀ, ମମତା ଦାୟିନୀ,

ମମତାମୟୀ, ବାତ୍ସଲ୍ୟମୟୀ...

ସ୍ନେହର ଦେବୀ, ସେ ଆମ ମାଆ ଅଟଇ ...

ତା' ପରି ଆଉ କେ ନାହିଁ

ସମୟ ସୁଅରେ ,ସଂସାର ଭିତରେ...

ହାତ ଆମ ଧରି, ନିଏ ସେ ବାଟ କଢ଼େଇ...

ସେ ତ ଅଟେ ମାଆ ନୁହେଁ ଆଉ କେହି...

ତୃକ୍ତିହୀନ ସ୍ନେହ ତା'ର...

ନିଚ୍ଛନ୍ଦ ଭଲ ପାଇବା ...

ନିଷ୍କପଟ ମମତାର ..

ଅଟେ କି ସେ ଦେବୀ ଅବା..

ଧରିତ୍ରୀ ଠୁ ବଳି ଧୈର୍ଯ୍ୟ ତା'ର..

ମମତା ତା'ର ଉଛୁଳା ସାଗର ...

ବଞ୍ଚିବାର ରାହା ସେ ଅଟେ

ସ୍ନେହର ଅଟେ ସେ ନାଁ..

ମା ସେ ଆମ ମା ...

ରକ୍ତ ମାଂସର କଣ୍ଢେଇ ଗଢି ..

ନିଜ ଛାତିରୁ ରକ୍ତ ନିଗାରୀ ...

ଜୀବନ ଦିଏ ସେ ଛୁଆକୁ..

ମା ରୂପକ ଦେବୀ ସେ ଆସିଛି ଆମ ପାଖକୁ...

ଦୁନିଆଁର ଯେତେ ଯନ୍ତ୍ରଣା ସହି ..

ରଖେ ସେ ଆମକୁ ତା କାନିରେ ଘୋଡାଇ ..

ବିପଦ ଆପଦରୁ ଉଦ୍ଧାର କରି..

ସଂସାରେ ରଖଇ ମଣିଷ କରି...

ସେ ଅଟେ ଆମ ପ୍ରଥମ ଗୁରୁ ..

ଶିକ୍ଷା ତା'ର ବଡ ଅଟେ ...

ସେ ସ୍ମୃତି, ଗୀତା, ଭାଗବତ ଠାରୁ...

ଯେତେ ପଣ୍ଡିତ, ବିଦ୍ୱାନ ଅଛନ୍ତି

ଏ ବିଶ୍ୱ ଜଗତେ .

ନତମସ୍ତକ ସଭିଏଁ ମା ଚରଣଯ୍ତିତେ

କ୍ଷମାମୟୀ କରୁଣାମୟୀ ମା ଆମର ..

ଶ୍ରେଷ୍ଠ ଗୁରୁ ଅଟେ ସେ ଆମ ଜୀବନର...

*****

କୁଜଙ୍ଗ, ଜଗତସିଂହପୁର





# ଜୀବନ ମରୁଭୂଇଁ

ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର

ଭାଗ୍ୟ ଲିଖନକୁ ଆଦରି ନେଇଛି
ମରମେ ଜଳଇ ଜୁଇ,
ବାହୁନି କାନ୍ଦୁଛି ଜଙ୍ଗଲରେ ବୁଲି
ଜୀବନ ମୋ ମରୁଭୂଇଁ  ।୧।

ସବୁଜିମାରାଣୀ ନ କରେ ଆଦର
ନ ଦିଏ ତା କୋଳେ ସ୍ଥାନ,
ଅଣ୍ଡାଳି ଖୋଜୁଛି ଘନ କୁହୁଡ଼ିରେ
କାହିଁ ମୋ ମଧୁ ସପନ  ।୨।

ଅଥଳ ଅଚଳ ନିସ୍ୱ ଆଜି ମୁଁ
ପାଉଁଶ ତଳର ନିଆଁ,

ଜଳି ଯାଇଛି ହିଂସାରେ କୁହୁଳି
ହଜିଯାଇଛି ମୋ ନାଆଁ ।୩।

ରାସ୍ତା ଅଙ୍କାବଙ୍କା ଅନ୍ଧାରିଆ ଘାଟି
ଯାଇଛି ପାହାଡ଼ ଡେଇଁ,
ଜୁଇରେ ମୁଁ ଜଳେ ସମାଧିରୁ ଶୁଭେ
ଦୁଃଖ ଇତିହାସ ଗାଇ ।୪।

ଆଗ ଚଲାପଥେ ଭାଗ୍ୟ ଡୋରି ଟାଣେ
ଆଉ ପାରୁନି ମୁଁ ଚାଲି,
କୁହ କିପରି ଲଙ୍ଘିବି ଏ କଣ୍ଟକିତ ପଥ
ଯାଏ ସବୁକିଛି ଭୁଲି ।୫।

*****

ଗୁଡ଼ିଆନାଳି, ଢ଼େଙ୍କାନାଳ



# ଏଇ ମୋ ଓଡିଶା

ରଞ୍ଜିତା ଦାସ

ଓଡିଶା ନୁହଇଁ କେବଳ ପୁରୀ, କୋଣାର୍କ, ଭୁବନେଶ୍ୱର,

ସୌନ୍ଦର୍ଯ୍ୟରେ ଭରା ତିରିଶି ଜିଲ୍ଲାର ଏ ସମାହାର ।

ଆସନ୍ତି କେତେ ଯାଆନ୍ତି କେତେ ସୁନ୍ଦର ତା'ର ବାସ୍ନା ବାରିବାକୁ,

ପୁଣି ପଛକୁ ଫେରି ଦେଖନ୍ତି ଏ ଓଡ଼ିଶାର ରୂପରେଖକୁ ।

ବୁଝିବାକୁ ହୁଏ କଷ୍ଟ ତାଙ୍କୁ ଏଇ ରାଇଜର ଭୂଗୋଳକୁ,

ଉତ୍ତରରେ ନୁହେଁ କି ଦକ୍ଷିଣରେ ନୁହେଁ

ଓଡିଶା ରହିଛି ପୂର୍ବକୁ ।

ଇତିହାସରେ ନାଁ ଅଛି ଏଇ ରାଇଜର,

ତଥାପି ଅବହେଳିତ ଏ ରାଜ୍ୟ ଏବଂ ଗରିମା ଏହାର ।

ହୁଅନ୍ତୁ ସେ ଗୋପବନ୍ଧୁ କି ମଧୁ ବାରିଷ୍ଟର,

ଉତ୍କଳ ଭୂମି ଏ ମାଟି ବୀରଙ୍କର ।

ଆଦିବାସୀ ଜିଲ୍ଲା ବୋଲି ହୁଡ଼ି ପକାଉଛୁ କାହିଁ,

ଆଦିମରୁ ଜାତ ତୁ ଆଦିବାସୀରୁ ତହିଁ ।

ଯାନିଯାତ ପରବ ଗୌରବ ସବୁକୁ ଆଦରି

ଓଡ଼ିଆଣୀ ପାଳେ କେତେ ଯାନିଯାତ

ପରଶେ ଖିରି ଆଉ ପୁରି ।

କଟକର ବାଲିଯାତରା କି ସମ୍ବଲପୁର ଶୀତଳଷଷ୍ଠୀ,

ସଭିଏଁ ଭାଇ ଭାଇ ମିଳିମିଶି ପାଳନ୍ତି ଏକାଠି ।

ଚିଲିକାର ଦୃଶ୍ୟ ଅଟେ ଅତି ମନୋହର,

ପୁରୀରୁ କୋଣାର୍କର ରାସ୍ତା ଯୋଗାଏ ଖୁସିର ଆହାର ।

ଧାମରା ବନ୍ଦର ହେଉ କି ହେଉ ଚାନ୍ଦବାଲି,

ସାଳନ୍ଦୀ, ବୈତରଣୀ ହସେ ଖିଲିଖିଲି ।

ଯାଜପୁର ଜିଲ୍ଲା ମା' ବିରଜାଙ୍କ କ୍ଷେତ୍ର,

ମା' ର ଦର୍ଶନରେ ଭରିଯାଏ ନେତ୍ର ।

କୁସୁମା ପୋଖରୀ ଡାକେ ହାତକୁ ଯେ ଠାରି,

ଶୋଭା ସେ ବଢାଏ ଲଳିତଗିରି, ରତ୍ନଗିରି ଓ ଉଦୟଗିରି ।

ତାଳଚେର ଗଣେଶ ପୂଜା

ଦେବଗଡର ପୁଷପୁନି ପର୍ବ,

ଅନୁଗୁଳ ସାତକୋଶିଆ ଆମ ଓଡ଼ିଶାର ଗର୍ବ ।

କଳାହୀରାର ସହର ଆମ ତାଳଚେର,

ଆମ ଦେବଗଡ ଅଟେ ପ୍ରକୃତିର ଗନ୍ତାଘର ।

ଝରଣାର ସହର ଜିଲ୍ଲା ଦେବଗଡ,

ପ୍ରଧାନପାଟ, ଦେଓଝରନ ଏଠି ଝରେ ଝର ଝର ।

ଢେଙ୍କାନାଳ ଲକ୍ଷ୍ମୀପୂଜା

ଘଟଗାଁ ମା' ତାରିଣୀ,

ସଭିଙ୍କ ଦୁଃଖ କରେ ଦୂର

ମା' ସେ ଦୁଃଖ ହାରିଣୀ ।

ସୌନ୍ଦର୍ଯ୍ୟର ଗନ୍ତାଘର ଆମ କେନ୍ଦୁଝର,

ସାନଘାଗରା, ବଡଘାଗରା ମନକୁ ଡାକେ ବାରମ୍ବାର ।

ଚାନ୍ଦିପୁର କୂଳ ଖେଳେ ଲୁଚକାଳି

ଯେତେ ଖାଇଲେ ବୁଝେନି ଏ ମନ

ବାଲେଶ୍ୱର ଛେନାଗଜା ଓ କେନ୍ଦ୍ରାପଡା ରସାବଳି ।

ମା' ସାରଳାର ଦର୍ଶନକୁ ଝୁରୁଥାଏ ଏ ଆଖି,

ଖୋର୍ଦ୍ଧାର କୋରା ଖଇ ପାଖେ ମନ ଯାଏ ଲାଖି ।

ଇସ୍ପାତନଗରୀ ରାଉରକେଲା ବେଦବ୍ୟାସ

କୋଇଲିଘୁଘର ଜଳରାଶି

ପୁଣି ବିକ୍ରମଖୋଲ କହେ ଇତିହାସ ।

ହକିର ପାନ୍ଥଶାଳା ଆମ ସୁନ୍ଦରଗଡ

କୋଇଲାଖଣିର କେନ୍ଦ୍ର ସେ ବେଲପାହାଡ ।

ଓଡ଼ିଶାର ଭାତ ହାଣ୍ଡି ଆମ ବରଗଡ଼,

ପୁଣି ମନକୁ ଯେ ଟାଣେ ନୟାଗଡ ଛେନାପୋଡ଼ ।

ବରଗଡ଼ ଧନୁଯାତ୍ରା ଦୁନିଆଁରେ ନାଁ କଲା,

ଗନ୍ଧମାର୍ଦ୍ଧନ ପର୍ବତ ଶୋଭା ବଢ଼ାଇଲା ।

ବାରିପଦା ମୁଢ଼ି ମାଂସ, ବଲାଙ୍ଗୀର ଚାଉଳ ବରା,

ଘରେ ଘରେ ଜମେ ପଖାଳର ଆସର ଆସିଗଲେ ଖରା ।

ଶୀତଦିନେ ନାଲି ଅଦା ଚା' ସଙ୍ଗେ ମୁଢ଼ି-ବାରମଜା,

ପଖାଳ ଭାତରେ ପିଆଜ ସାଙ୍ଗକୁ ଥାଏ ମାଛଭଜା ।

ସୋନପୁର ବୋମକାଇ ଶାଢ଼ୀର ଚମକ,

ପୁଣି ଟେରାକୋଟା ହସ୍ତଶିଳ୍ପର ମହକ ।

ଚାରିଶମ୍ଭୁ ମନ୍ଦିର ବଢାଏ ଯେ ଶୋଭା,

ପ୍ରକୃତିର ଅପୂର୍ବ କଳା ପଦ୍ମତୋଳା ଅତି ମନଲୋଭା ।

ଗଞ୍ଜାମର ଗର୍ବ କୃଷ୍ଣସାର ମୃଗ,

ଦାରିଙ୍ଗିବାଡ଼ି କହେ କଥା ଆମ ଓଡ଼ିଶାର ସ୍ୱର୍ଗ ।

ଗଜପତି ଜିଲ୍ଲା ବଢାଏ ଓଡ଼ିଶାର ଶୋଭା,

ଚନ୍ଦ୍ରଗିରି ଜିରାଙ୍ଗ ଆହାଃ କି ମନଲୋଭା ।

ପାରଳାଖେମୁଣ୍ଡିର ରାଜରାଜୁଡା ନୀତି ଇତିହାସ କହେ,

ବୃନ୍ଦାବନ ମହଲ ସେ ମନକୁ ଯେ ମୋହେ ।
ଘୁମୁରା ଘୁମୁରା ନୃତ୍ୟ କଳାହାଣ୍ଡିର ଗୌରବ
ହବାସପୁରି ଶାଢ଼ୀ ପାଇଁ ଓଡିଶା କରେ ଆଜି ଗର୍ବ ।
ଦେବଗିରି ପର୍ବତ କହେ ସମ୍ପୂର୍ଣ୍ଣ କାହାଣୀ,
ଚେକାଗୁଡା ଝୁଲା ପୋଲ କହେ ଅସୁମାରୀ ବାଣୀ ।
ମଣ୍ଡେଇ ଯାତ୍ରାର ଖୁସିରେ ନବରଙ୍ଗପୁର ନାଚିଲା,
ସେଇ ମାଟିରେ ପୁଣି ମକା ଯେ ଚମକିଲା ।
ସୁନାବେଡା ଅଭୟାରଣ୍ୟ ନୂଆପଡାରେ ଚମକିଲା
ଓଡ଼ିଶାର ଇତିହାସ ଏଇ ମାଟି ଯେ କହିଲା ।
ଦେଓମାଳି ଶୃଙ୍ଗ ଓଡ଼ିଶାର ଗର୍ବ,
ଲୋକେ ପାଳନ୍ତି ଖୁସି ହେଇ ଚୈତ୍ର ପର୍ବ ।
ମାଲକାନଗିରି କହେ ବାଲିମେଳା ଡ୍ୟାମର କାହାଣୀ,
କୋରାପୁଟର ସୌନ୍ଦର୍ଯ୍ୟ ଦିଏ ଖୁସିର ଲହରୀକୁ ଆଣି ।

ସୁନ୍ଦର ରାଇଜ ମୋର ସୁନ୍ଦର ମାଟି,

ସୁନ୍ଦରତାରେ ଭରା ମୋ ଦେଶ ଗାଁଟି ।

ଓଡିଶା ନୁହଇଁ କେବଳ ପୁରୀ, କୋଣାର୍କ, ଭୁବନେଶ୍ୱର,

ଆସ ଆସି ଟିକେ ଆମ ଓଡିଶାକୁ ଜାଣ ।

*****

ଏନ ଆଇ ଟି, ରାଉରକେଲା

# ଗଦ୍ୟ ବିଭାଗ



*"ଅତୀତ ଯଦି ଫେରି ଆସନ୍ତା, ତାହା ହେଲେ ଉପଭୋଗୀ ବୁଝନ୍ତା, ମାର୍ଜିତର ମୂଲ୍ୟ କେତେ ! "*

**ବ୍ରଜବିହାରୀ ମହାନ୍ତି**



# ସପନୀର ସ୍ୱପ୍ନ

ତପସ୍ୱିନୀ ଦାଶ ଷଡଙ୍ଗୀ

କୋହଲା ପାଗରେ ଚା' ଦୋକାନରେ ଚା'ର ମଜା ନେଉ ନେଉ ଶୁଭିଲା ଏକ କୋକିଳ କଣ୍ଠରେ ଭଜନର ମୂର୍ଚ୍ଛନା । ଆହାଃ କିଏ ଏତେ ସୁନ୍ଦର ଭଜନ ଗାଉଛି । କି ସୁନ୍ଦର ଲାଳିତ୍ୟପୂର୍ଣ୍ଣ ସ୍ୱରରେ "କେଉଁ ନାମ ଧରି ଡାକିବି ତୁମକୁ" ଭଜନଟି ମନକୁ ପରମ ଶାନ୍ତି ପ୍ରଦାନ କରୁଥିଲା । ଧାଇଁ ଆସିଲେ ଖୋଜି ଖୋଜି କେଶବ ବାବୁ । ଆଉ ତଟସ୍ଥ ହୋଇଗଲେ ସେ ସେଇ କୁନି ଝିଅଟିକୁ ଦେଖି । ଏଇ ବୟସ ନଅ କି ଦଶ ହେବ ପାଖରେ କଣ୍ଢେଇର ପସରା । ମନ୍ଦିର ପାଖରେ ଜନ ଅରଣ୍ୟ ଭିତରେ ସେ ନିଜ ଭଜନର ତାଳ ଭିତରେ ମସଗୁଲ୍ ହୋଇ ଯାଇଛି । ତା' ସହିତ ମଝିରେ ଡାକ ଛାଡୁଛି ବାବୁ କଣ୍ଢେଇ ନିଅ ମା' କଣ୍ଢେଇ ନିଅ । ତା' ପାଖକୁ ଗଲେ କେଶବ ବାବୁ ।

ଆରେ ଝିଅ ତୋ'ର ନାମ କଣ ? ତୋ ଘର କେଉଁଠି ? ପଚାରିଲେ କେଶବ ବାବୁ । ମୋ ନା ସପନୀ । ମୋ ଘର ଏଇ ପାଖ ଗାଁରେ ବାବୁ । ଏତିକି କହିକି ସେ ପଚାରିଲା ବାବୁ କେଉଁ କଣ୍ଢେଇଟି ଦରକାର ତୁମର ? ନାହିଁରେ ଝିଅ ମୁଁ ତୋ ଭଜନ ଶୁଣି କରି ତୋ ପାଖକୁ ଆସିଛି । ହେଲେ ତୁ ଏତେ ସୁନ୍ଦର ଗୀତ କେଉଁଠୁ ଶିଖିଲୁ ? କହିଲେ କେଶବ ବାବୁ... ନାଇଁ ମ ବାବୁ ଏଇ ଟିଭିରୁ ଶୁଣିଛି । ମୋର ଇଛା ବଡ଼ ହୋଇକି ବଡ଼ ଗାୟିକା ବନିବାକୁ, ହେଲେ ମୁଁ କୁଆଡୁ ମୋ ସ୍ୱପ୍ନ ପୁରା କରି ପାରିବି । ମୁଁ ତ ହିନି କପାଳଟେ ବୋଲି ସମସ୍ତେ କୁହନ୍ତି । କହିଲା ସପନୀ...

କେଶବ ବାବୁ : ତୋ'ର ଏ ବୟସରେ ତୁ ପାଠ ପଢିବା କଥା, ହସି ଖେଳି ସମୟ ବିତେଇବା କଥା ହେଲେ ତୁ ଏଠି କଣ୍ଢେଇ କ'ଣ ବିକ୍ରି କରୁଛୁ ? ତୋ ବାପା ମା' କାହାଁନ୍ତି ? ଏତିକି ପଚାରୁ ପଚାରୁ ଝିଅଟିର ଆଖି ଲୁହରେ ଛଳଛଳ ହୋଇଗଲା । ନିଜ କୋହକୁ ଚାପିକି କହିଲା ବାବୁ ମୁଁ ମୋ ବାପା ମା'ଙ୍କର ଗୋଟିଏ ଝିଅ ।

ମୋର ଗୋଟେ ଭାଇ ଅଛି ବାବୁ । ମୋ ବୋଉ ମୋ ଭାଇକୁ ଜନ୍ମ କରି ଆଉ ପାରିକି ଚାଲିଗଲା ଏଇ ଗଲା ସନ । ଆଉ ମୋ ବାପା ମୋତେ କୋଳକୁ ନିଅନ୍ତିନି କି ଗେଲ କରନ୍ତିନି କାହିଁକି ନା ମୁଁ ଗୋଟେ ଝିଅ । ମୋ ଜେଜେ ମା' ସବୁବେଳେ କହୁଛି, ଝିଅଟିଏ ହେଲେ ଅଭିଶାପ, ବାହା ହେଲା ବେଳକୁ ପୁଳାଏ ଯୌତୁକ ନେଇକି ଶାଶୁ ଘରକୁ ଯିବ, ଆଉ ଏ ପଟେ ବାପା ମା' କରଜରେ ବୁଡିକି ରହିବେ । ସେଥିପାଇଁ ମୋତେ ଘରେ ଭଲ ପାଆନ୍ତିନି ବାବୁ । ଆଉ ବୁଢୀ ମା କହୁଥିଲା ପୁଅ ମାନେ ପିତ୍ତଳ ହାଣ୍ଡି ଆଉ ଝିଅ ମାନେ ମାଟି ହାଣ୍ଡି । ହେଲେ ମୁଁ ଏହାର ଅର୍ଥ ବୁଝେନି ବାବୁ । ମୋର କାମ ଘରର ସବୁ ପାଇଟି କରିବା ଆଉ ମୋ କୁନି ଭାଇକୁ ଧରିବା । ମୁଁ ଖୁସି ହୁଏ ମୋ ଭାଇକୁ ମିଳୁଥିବା ଭଲ ପାଇବା ଦେଖି । ମୋର ଖର୍ଚ୍ଚ ତୁଲାଇବାକୁ ମୁଁ ଏ କଣ୍ଢେଇ ପସରା ଖୋଲିଛି, କେବେ ଦଶ ତ କେବେ ପଚାଶ ଟଙ୍କାର ବିକ୍ରି ହୁଏ । ଆଉ ଜାଣିଛ ବାବୁ ଗାଁ ଅବଧାନଙ୍କ ଚାହାଳୀର ବାରଣ୍ଡାରେ ବସିକି କିଛି ପାଠ

ପଡୁଛି । ସପନୀର କଥା ଶୁଣି ଦୁଃଖର ଭାବପ୍ରବଣତା ଭିତରକୁ ପଳାଇଥିଲେ କେଶବ ବାବୁ ଆଉ ଲୁହକୁ ଆଖିରୁ ପୋଛିଦେଇ କହିଲେ, ଆଲୋ ମା'ତୁ ମୋ ସହିତ ଆମ ଘରକୁ ଯିବୁ ମୋ ଝିଅ ହୋଇକି ରହିବୁ ପଚାରିଲେ କେଶବ ବାବୁ । ଆଉ ତୋତେ ମୁଁ ଗୀତ ବି ଶିଖେଇବି । ହେଲେ.... ବାବୁ ତୁମକୁ ମୋ ଘରେ ମୋ ବାପାଙ୍କୁ କହିବାକୁ ପଡିବ । କହିଲା ସପନୀ । ହଁ ରେ ମା ଚାଲ୍ ତୁମ ଘରକୁ କହି... ସପନୀର ହାତ ଧରି ଯାଇ ପହଞ୍ଚିଲେ ତାଙ୍କ ଘରେ । ଦାଣ୍ଡ ବାରଣ୍ଡାରେ ବୁଢୀ ମା’ ତା'ର ବସି ପାନ କୁଟାରେ ପାନ କୁଟୁଥିଲା । ସପନୀକୁ ଦେଖି ଗରଗର ହୋଇ କହିଲା ଆଜି କେତେ ବେପାର କରିଛୁ ବା । ଆପଣ ସପନୀର ଜେଜେ ମା ତ ପଚାରିଲେ କେଶବ ବାବୁ । ହଁ କ'ଣ ହେଲା ମୋ ପାଖରେ ତୁମର କି କାମ କୁହ ଜଲଦି । କହିଲା ବୁଢୀ... ସପନୀର ବାପା ନାହାଁନ୍ତି କି ତାଙ୍କ ସହ କିଛି କଥା ଥିଲା ଏତିକି ପାଟିରୁ କଥା ସରିଛି କି ନାହିଁ କେଶବ ବାବୁଙ୍କର । ଭିତରୁ ସପନୀର ବାପା ଭଗିଆ ବାହାରି

ଆସିଲେ ଆଉ ପଚାରିଲେ ଆପଣ କିଏ ? ମୋ ସହିତ ଆପଣଙ୍କର କି କଥା ଅଛି ? ତାଙ୍କ ପାଟିରୁ ମଦର ଗନ୍ଧ ବାରି ହେଉଥିଲା । ମୁଁ କେଶବ ଛୋଟରାୟ । ପେଶାରେ ଜଣେ ଗୀତିକାର । ନାଇଁ କଥା କ'ଣ କି ମୁଁ ଆଜି ଆପଣଙ୍କ ଝିଅକୁ ମନ୍ଦିର ପାଖେ ଦେଖିଲି ଆଉ ତା'ର ସୁମଧୁର ସ୍ୱର ମୋ ମନକୁ କିଣି ନେଲା । ଆଉ ତା'ର ଏ ବୟସରେ ହସିଖେଳି ପାଠ ପଢିବା ବୟସ ହେଲେ ସେ କଣ୍ଠେଇ ବେପାର କରୁଛି । ମୋର ଇଛା ତା'ପାଇଁ କିଛି କରିବାକୁ, ତା'କୁ ପାଠସାଠ ପଢାଇ ସମାଜରେ ପ୍ରତିଷ୍ଠିତ କରିବାକୁ । ଆପଣମାନଙ୍କ ଅନୁମତି ମିଳିଲେ ତା'କୁ ସାଙ୍ଗରେ ନେଇଯିବି । ଏତିକି କଥା କହୁ କହୁ ବୁଢୀ ଟାଣୁଆ ଗଳାରେ କହିଲା ନେଉନା ତା'କୁ । ସେ ପୋଡାମୁହିଁ କଣ କରୁଥିଲା କି । ଖାଇକି ଗଣ୍ଡି ବଢ଼ଉଛି, ଆମର ଅନ୍ନ ଧ୍ୱଂସ କରୁଛି । ଏଇ କଥାକୁ ଭଗିଆ ମୌନ ଭାବେ ସମ୍ମତି ପ୍ରକାଶ କରୁଥିଲା । ଚାଲ୍ ଲୋ ଝିଅ ଏଠି ତୋ'ର ସ୍ଥାନ ନାହିଁ ମୋ ସହିତ ଚାଲେ ଯିବା ଏତିକି କହି... ମନ ଭିତରେ ଭାବୁଥିଲେ

ହେ ପ୍ରଭୁ ଆଜିର ଏ ଯୁଗରେ ଗୋଟେ କନ୍ୟା ସନ୍ତାନ ପାଇଁ କି ତାତ୍ସଲ୍ୟଭରା ମନୋଭାବ । ବାବୁ, ମୁଁ ଯିବି ତୁମ ସହ ହେଲେ ମୋତେ ମୋ ଭାଇ ସହିତ ଟିକେ ଦେଖା କରିବାକୁ ଇଛା, ଜାଣିନି ବାବୁ ପୁଣି କେବେ ଦେଖା ହେବ ଆଉ ସେ ମୋତେ ଚିହ୍ନି ପାରିବ କି ନାହିଁ । ଏତିକି କହି ତା' ଭାଇକୁ କୋଳରେ ଯାକି ତା' ମଥାରେ ସ୍ନେହ ମମତା ଭରା ଚୁମ୍ବନ ମାନ ଆଙ୍କି ଦେଲା । ଆଉ ଦୁଇଜଣ ବାହାରିଲେ ଭୁବନେଶ୍ଵର ଅଭିମୁଖେ ।

***************

ସରିତା ସରିତା କୁଆଡେ ଗଲ ଦେଖିବ ଆସ ମୁଁ କାହାକୁ ସାଙ୍ଗରେ ଆଣିଛି । ଦୁଆର ମୁହଁରୁ ଡାକ ଛାଡିଲେ କେଶବ ବାବୁ ତାଙ୍କ ସହଧର୍ମିଣୀଙ୍କୁ । ଆରେ ଏ ସୁନ୍ଦର କୁନି ଝିଅଟି କିଏ କି ? ଖୁସି ହୋଇ ପଚାରିଲେ ସରିତା । ଇଏ ଆଜି ଠାରୁ ଆମ ଝିଅ । ଦେଖ ସନ୍ତାନଟିଏ ପାଇଁ କେତେ ପୂଜା ବ୍ରତ କରିଥିଲ ।

ଆଜି ଭଗବାନ ଆମ ଡାକ ଶୁଣିଲେ । ଇଏ ଆଜିଠାରୁ ଆମ ଝିଅ । ନାଁ ଆଜିଠୁ ତା'ର ସ୍ୱପ୍ନା ଛୋଟରାୟ ।

***************

ସମୟ ବିତି ଯାଇଛି ୨୦ ବର୍ଷ ପରେ ସ୍ୱପ୍ନା ଛୋଟରାୟ ପ୍ରଖ୍ୟାତ ଭଜନ ଗାୟିକା ନାମରେ ନାମିତ ହୋଇଯାଇଛି । ସେଦିନ କଟକ ଟାଉନ୍ ହଲ୍ ରେ ଶ୍ରୀଗୁଣ୍ଡିଚା ଉପଲକ୍ଷେ ଭଜନ ସମାରୋହ ଥାଏ ସ୍ୱପ୍ନା ତରତର ହୋଇ କହିଲା ଡାଡି ଚାଲ ଯିବା ସମୟ ହୋଇଗଲାଣି । ସେ ଯେଉଁଠିକି ଯାଏ ସାଙ୍ଗରେ ତା' ପ୍ରେରଣାର ଉତ୍ସ କେଶବ ବାବୁଙ୍କୁ ସାଙ୍ଗରେ ନେଇକି ଯାଏ । ବଡ଼ ଅଲିଅଳି ରାଜକନ୍ୟା ଭାବେ ସେ ବଡ଼ ହୋଇଛି ତାଙ୍କ ପାଖରେ । ବଣମଲ୍ଲୀକୁ ଲୋକଲୋଚନକୁ ଆଣିଛନ୍ତି ସେ । ତା'ସ୍ୱପ୍ନକୁ ପୁରା କରିଛନ୍ତି ।

ଦୁହେଁ ତରତର ହୋଇ ବାହାରିଗଲେ । ଅନେକ ଶ୍ରୋତାଙ୍କ କରତାଳିରେ

ପ୍ରକମ୍ପିତ ଟାଉନ୍ ହଲ୍ ରେ ଏକ ସୁନ୍ଦର ଭଜନ "ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି..." କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାର ଏ ଭଜନରେ ସମସ୍ତ ଶ୍ରୋତା ମଜ୍ଜି ଯାଇଥିଲେ । କାର୍ଯ୍ୟକ୍ରମ ସାରି ସ୍ୱପ୍ନା ଆଉ କେଶବ ବାବୁ କାର୍ ଭିତରେ ବସିଲା ବେଳକୁ ଏକ ୫୫-୬୦ ବର୍ଷର ବ୍ୟକ୍ତି ତାଙ୍କୁ ଅଟକାଇଲେ । ଆଉ ସ୍ୱପ୍ନାକୁ କହିଲେ ଆରେ ମା' ତୁ କେତେ ସୁନ୍ଦର ଗଳା ପାଇଛୁ । ମନକୁ ଛୁଇଁଲା ପରି ଭଜନ ଗାଉଛୁ । ଭଗବାନ ତୁମର ଆହୁରି ଉନ୍ନତି କରନ୍ତୁ । ତୁମେ ଆହୁରି ଉପରକୁ ଉଠ । ଆରେ ଇଏ କଣ, ଇଏ ତ ସ୍ୱପ୍ନାର ବାପା । ମନେ ମନେ ଭାବିଲେ କେଶବ ବାବୁ । ହେଲେ କି ଅବସ୍ଥା ଆଙ୍କର, ଜୀର୍ଣ୍ଣଶୀର୍ଣ୍ଣ ଶରୀର ଉପରେ ଚିରାଫଟା ବସନର ଆବରଣ । ତଥାପି କେଶବ ବାବୁ ନିଜ ପରିଚୟ ଆଉ ଝିଅର ପରିଚୟ ଦେଲେ ଆଉ ମନେ ପକାଇଦେଲେ ସେଇ କୋଡିଏ ବର୍ଷ ତଳର କଥାକୁ । ଭଗିଆ ଏ ସବୁ ଶୁଣି ହୃଦୟ ଫଟାଇ କାନ୍ଦିବାକୁ ଲାଗିଲେ । ସ୍ୱପ୍ନାର ସେ ମୁହଁ ଝାପ୍ସା

ମନେ ପଡୁଥିଲା । କେଶବ ବାବୁ ପଚାରିଲେ ଆପଣଙ୍କ ପୁଅ କୁଆଡେ ଗଲା । ସେ କୁଳାଙ୍ଗାର କଥା ପଚାରନ୍ତୁନି, ଅତି ଗେଲବସର ହୋଇ କୁସଙ୍ଗରେ ପଡି ସ୍ମଗ୍ଲିଙ୍ଗ୍ କରିକି ପୋଲିସ୍ ହାତରେ ଧରା ପଡିଛି । ସେ ଏବେ ଜେଲ୍ ରେ । ଘର ବି ବନ୍ଧା ପକାଇଥିଲି ତା କଥାରେ ପଡିକି । ଘର ବି ନିଲାମ୍ ହୋଇଗଲା । ମୁଁ ଏବେ ସର୍ବହରା, ମା' ବି ମରିଗଲାଣି । ମୁଁ ରାସ୍ତା କଡ଼ରେ ଶୋଉଛି ରାତିରେ । ବାପା ମୁଁ ତୁମର ଝିଅ ଯାହାକୁ ଦିନେ ଅଲୋଡା ଭାବୁଥିଲ । ଅଲକ୍ଷ୍ମୀ ଭାବୁଥିଲ । ତୁମେ ମୋତେ ବୋଝ ଭାବୁଥିଲ । ଏ ବାବୁ, ମାନେ ମୋ ଡାଡି ଦେବତାରୂପରେ ଆସି ମୋତେ ଭଲ ଶିକ୍ଷା ସଂସ୍କାର ଦେଇ ବଡ଼ କଲେ, ନିଜ ଝିଅଠାରୁ ବଳି ସ୍ନେହ ଦେଲେ । ମୋ ସ୍ୱପ୍ନକୁ ପୁରାକଲେ । ଏ ଦେବତୁଲ୍ୟ ମାନବଙ୍କୁ ଭୁଲି ପାରିବି ନାହିଁ । ତୁମେ ଚାହିଁବ ଯଦି ଆମ ସହ ଆସିପାର । ସତରେ ମା' ମୁଁ କେଡେ ହତଭାଗା ତୋ ପରି ହୀରାକୁ କୋଇଲା ଭାବି ହତାଦର କରିଥିଲି । ଭଗବାନ ବି ମୋତେ କ୍ଷମା କରିବେନି । ତୁ ଯଦି

ପାରୁଛୁ ମୋତେ କ୍ଷମା କରିଦେ ମା' । କହିଲେ ସ୍ୱପ୍ନାର ବାପା । ବାପା ମା'ଙ୍କ ହାତ ସନ୍ତାନଙ୍କ ମୁଣ୍ଡରେ ଥାଏ ବାପା । ମୋତେ ଆଶୀର୍ବାଦ କର । ଏତିକି କହି ସ୍ୱପ୍ନା ତା' ସାଙ୍ଗରେ ତା ବାପାଙ୍କୁ ନେଇଗଲା ।

*****

ବେଙ୍ଗାଲୁରୁ



# ରାତିର ଅକୁହା କାହାଣୀ



ଲିପ୍ସା ଆଚାର୍ଯ୍ୟ

ସଦ୍ୟ ଛାଡି ଯାଇଥିବା ବର୍ଷା ରାତିରେ, ଟିକି ବ୍ରହ୍ମପୁର ଷ୍ଟେସନରୁ ଓହ୍ଲାଇଲା । ସେତେବେଳେକୁ ରାତି ୧୧:୦୦ ଉପରେ । ଷ୍ଟେସନଠାରୁ ଘରକୁ ଚାଲି ଯାଇହବ । ତେଣୁ ଅଟୋଟେ କରି ଟଙ୍କା ସାରିବାର ଆବଶ୍ୟକ ନ ଥିଲା । ତା' ପାଖରେ ସମ୍ବଳର ବି ଅଭାବ । ଅନ୍ୟ କେଉଁ ବାଟରେ ଟଙ୍କାକୁ ବିନିଯୋଗ କରିହବ । ଦୁଇ ଦିନପରେ ଟିକୁର କଲେଜ ଫିସ୍ ଦେବାକୁ ପଡିବ । ଜୀବନଟା କାହିଁକି ଦେଲେ, ଯଦି ଦେଲେ ଏତେ ସଂଘର୍ଷ ପୁଣି...। ଆଜି ପ୍ରଥମ ଥର ପାଇଁ ସେ, ରାତିରେ ଘରକୁ ଫେରୁନି । ମାତ୍ର ଆଜି ବହୁତ ବିଳମ୍ବ ହେଇଗଲାଣି । ବର୍ଷାଟା ଛାଡିଗଲା ବିଜୁଳି ନାହିଁ । ରାସ୍ତା ପରିଚିତ ଆସିବାରେ ଅସୁବିଧା କଣ ?ମନରେ ସାହାସର ଘରଟେ ବାନ୍ଧି ଟିକି ପ୍ଲାଟଫର୍ମରୁ ବାହାରି ରାସ୍ତାରେ ଚାଲିବା ଆରମ୍ଭ

କଲା । କିଛିଟା ଅଟୋ ବାଲା ମେମ୍ କୁଆଡେ ଯିବେ ପଚାରୁଥାନ୍ତି । ଟିକି କାହାକୁ ଉତ୍ତର ନ ଦେଇ ନିଜ ରାସ୍ତାରେ ଚାଲିବା ଆରମ୍ଭ କଲା । ବିଜୁଳି ନ ଥିଲେ ବି, ଗାଡି ଆଲୁଅରେ ରାସ୍ତାରେ ଯିବା ସହଜ ଲାଗୁଥିଲା । କିଛି ସମୟ ପରେ, ଟିକି ତୋତା ସାହି ଛକରେ ପହଞ୍ଚି ଗଲା । ଏଥର ତାକୁ ସାହି ଭିତକୁ ଯିବାକୁ ପଡିବ । ଛକରେ ଠିଆ ହୋଇ ଟିକି ଚାହିଁଲା । ମେଞ୍ଚା ମେଞ୍ଚା ଅନ୍ଧାର ରାସ୍ତା ମାନଚିତ୍ରର ଚିହ୍ନ ବର୍ଣ୍ଣ ଦେଖାଯାଉ ନ ଥିଲା । ସେ ଯିବ କେମିତି । ଏପଟେ ରାତି ୧୧ ଉପରେ, ମା ଘରେ ବହୁତ ସ୍ତବ୍ଧ ହୋଇ ପଡିଥିବ । ଝିଅଟା ଏତେ ରାତିରେ କେମିତି ଆସିବ ଚିନ୍ତାକରି ଦାଣ୍ଡରେ ଠିଆ ହେଇଥିବ । ଘରେ ବି କେହି ନାହାନ୍ତି ? ଯିବାକୁ ପଡିବ ନିଶ୍ଚିତ ...।

ଅନ୍ଧାରର ଚାଦରକୁ ମୁହଁରେ ଡାଙ୍କି ଶୋଇବାକୁ ପ୍ରସ୍ତୁତ ହେଇଗଲାଣି ସହରଟା । ଟିକି ଗଳିରେ ଚାଲିବା ଆରମ୍ଭ କଲା । କିଛି ବାଟ ଯାଇଛି କି ନାହିଁ କୁକୁର ମାନଙ୍କ ବୁକୁଫଟା ଚିତ୍କାର ଶୁଣି ଭୟଭୀତ ହେଇଗଲା ।

ତା ହୃଦ୍ ସ୍ପନ୍ଦନ ବଢିବାରେ ଲାଗିଲା । ବର୍ତ୍ତମାନ ବିବେକାନନ୍ଦ ଟାୱାର ପାଖରେ ସେ । ଅନ୍ଧାରଟା ଆଜି ତାକୁ ମାଡିବସିବ ପରି ଲାଗୁଥିଲା । ହଠାତ୍ ତା ହାତକୁ କେହି ଜଣେ ପଛ ଆଡକୁ ଟାଣିଲା .. । ଏଥର ଟିକି ଚମିକି ପଡିଲା । କ'ଣ କରିବ ସେ ? ଅନ୍ଧାର ବିଜୁଳି ନାହିଁ । ରାତିରେ ଝିଅଟି ରାସ୍ତାରେ ଯିବା କେତେ ବିପଦକର ସେ ଭଲ ଭାବରେ ଜାଣେ । ଧିରେ ଧିରେ ଟିକି ନିଜ ମୁହଁଟିକୁ ପଛକୁ ବୁଲାଇଲା । ଠିକ୍ ସେତେବେଳେ ମେଘକୁ ଆଡେଇ ଜହ୍ନଟା ନିଜର ଉପସ୍ଥିତି ଜାହାରି କଲା । ସେ ଧିମା ଆଲୁଅରେ ଯାହାକୁ ଦେଖିଲା, ତା' ପାଦ ଥରିବାକୁ ଲାଗିଲା । ତମେ.. ଟିକି ପାଟିରୁ ବାହାରି ପଡିଲା । ବାସ୍ ! କାଲି ସକାଳୁ ଟିକିକୁ ଆଉ କେହି ଦେଖିପାରିବେ ନାହିଁ । ବର୍ତ୍ତମାନ ଯାହା ହବ, ଏ ଅନ୍ଧାର ରାତି ମୁକସାକ୍ଷୀ ହେବ । "ଆରେ, ଦେଖ ତମେ ଡରନି; ମୁଁ ବି ଘରକୁ ଫେରୁଛି । ତମକୁ ପଛରୁ ଡାକିଲାରୁ ତୁମେ ଶୁଣିଲ ନାହିଁ । ଚାଲ ମିଶିକି ଯିବା ।ଆମ ଦୁଇଜଣଙ୍କ ଗନ୍ତବ୍ୟସ୍ଥାନ ଗୋଟିଏ ।" ଟିକି ପାଖରେ

ଅନ୍ୟ କୌଣସି ବାଟ ନ ଥିଲା । ପିଲାଟା କିଛି ଦିନ ହେଲା, ରାସ୍ତାରେ ତମକୁ ଭଲପାଏ କହି କହି ବହୁତ ହଇରାଣ କରୁଛି । ଟିକି ଚୁପ୍ ଚୁପ୍ ଚାଲୁଥାଏ ବିବେକ ତାକୁ ଅନେକ ଗୁଡାଏ କଥା କହି ଚାଲିଥାଏ । ସମୟ ଗଡିବା ସହିତ ଟିକି ନିଜକୁ ସୁରକ୍ଷିତ ମନେ କଲା । ମେଘୁଆ ଆକାଶଟା ସଫା ହେଇ ତୋଫା ଜହ୍ନଟି ଅତି ମନୋହର ଦେଖାଯାଉ ଥିଲା । ଟିକି ମନରେ କିଛି କିଛି ହେବାକୁ ଲାଗିଲା । ବିବେକର ପ୍ରତି ଟି କଥାକୁ ଧ୍ୟାନର ସହିତ ଶୁଣିଲା । ବିବେକ କହୁଥାଏ, ସେ ତା'କୁ ପ୍ରଥମେ କେଉଁଠି ଦେଖିଲା । ଏମିତି ଅନେକ ଅକୁହା କଥା । ସେମାନେ କେତେବେଳେ ସନ୍ତୋଷୀ ମା' ମନ୍ଦିର ପାଖରେ ପହଞ୍ଚି ଯାଇଥିଲେ, ଜାଣି ପାରିଲେ ନାହିଁ । ମନ୍ଦିର ପଛ ପଟେ ଟିକିର ଘର । ଖୁସିରେ ଟିକି ଘରେ ପହଞ୍ଚି ଗଲା । ନା ନା ବିବେକ ତା'କୁ ଘର ପାଖରେ ଛାଡିଦେଲା । ମା' ଟିକିକୁ ଅନେକ ପ୍ରଶ୍ନ ପଚାରିଲେ । କେମିତି ବର୍ଷା ଛାଡି ଯାଇଥିବା ଅନ୍ଧାର ରାତିରେ ଆସିଲୁ । "ସେମିତି, ଆସିଗଲି" ।

ଟିକି ମା' କୁ ବିବେକ କଥା କହିବା ଉଚିତ୍ ମନେକଲା ନାହିଁ । କ'ଣ ଦୁଇଟା ଖାଇଦେଇ ଶୋଇଗଲା । ବହୁତ ଦିନପରେ ସେ ଶାନ୍ତିରେ ଦୁଇ ଘଡି ଶୋଇ ପଡିଲା ।

ସକାଳ ସୁରଜଟା ନବ ବୋଧୂ ବେଶରେ ସଜେଇ ହେଇ ଟିକିକୁ ସୁପ୍ରଭାତ କହିବାକୁ ଆସିଲା । ମା' ଚା'କପ ସହିତ ଖବର କାଗଜଟେ ଧରି ପହଞ୍ଚିଗଲେ ।

ମା:- "ଜାଣିଛୁ ଟିକି, ସେ ମହାନ୍ତି ଘରର ପୁଅ, କ'ଣ ଯେ ତା ନାଁ ଟା ।

ଟିକି:- ବିବେକ, କ'ଣ ହେଲା କି ମା ? ମା :- କିଛି ନାହିଁ । କାଲି ସକାଳେ ଗୋଟିଏ ବାଇକ୍ ବାଡେଇଦେଲା । ସେଠାରେ ହିଁ ତା' ଜୀବନଟା ଚାଲିଗଲା.. ଟିକି କ'ଣ କହିବ ବୁଝିପାରିଲା ନାହିଁ ? ସେ ଅନ୍ଧାର ରାତିରେ ସେ ନୁହେଁ ବରଂ ବିବେକ ହଜିଗଲା ସବୁଦିନ ପାଇଁ... ।

*****

ହୁଡକୋ କଲୋନୀ, ଭଞ୍ଜ ବିହାର

ବ୍ରହ୍ମପୁର



# ଇଭିଲ୍ ଅଫ୍ ଦ ଡେ

ରୋଜା ପଣ୍ଡା

ଫାଦର.... ଫାଦର.... ଫାଦର.... (କେହି ଜଣେ ଖୁବ୍ ଉଚ୍ଚ ସ୍ୱରରେ ଚିତ୍କାର କରି ଚର୍ଚ୍ଚ ଭିତରକୁ ପଶିଆସିଲା ) ପ୍ରଫେସର ଷ୍ଟେନିସ୍ ପଛକୁ ଚାହିଁ ଦେଖିଲେ ବାହାରେ ଖୁବ୍ ଜୋରରେ ବର୍ଷା ଲାଗିରହିଛି । ଆକାଶରେ ମାରୁଥିବା ବିଜୁଳିର ଝାପସା ଆଲୁଅରେ ଚର୍ଚ୍ଚର ସବା ପଛ ଚେୟାର ପାଖରେ କେହି ଜଣେ ଖୁବ୍ ଭୟରେ କାନ୍ଦି କାନ୍ଦି କହୁଛି, ମତେ ବଞ୍ଚେଇ ଦିଅ । ସେମାନେ ମତେ ମାରିଦେବେ । ଫାଦର ଦେଖିଲେ ଜଣେ ବାଇଶି କି ତେଇଶି ବର୍ଷର ଝିଅଟିଏ । ଦେହ ସାରା ମାଟି ଆଉ କାଦୁଅ ଛିଟା । ଦେହର ବୋହୁତ ସ୍ଥାନ କ୍ଷତାକ୍ତ ଆଉ ରକ୍ତ ଜୁଡୁବୁଡୁ । ପିନ୍ଧା ଲୁଗାର ଅଧା ଅଧା ସ୍ଥାନ ଛିଣ୍ଡି ଯାଇଛି । ଆଖି ଦୁଇଟି ପୁରାପୁରି ରକ୍ତବର୍ଣ୍ଣ । ମୁଣ୍ଡବାଳ ଆଲୁରୁ ବାଲୁରୁ ହେଇ ମୁହଁରେ ପଡିଛି । ଆଖିରେ ଧାର ଧାର ଲୁହ ।

ଫାଦର ସେ ଝିଅ ପାଖକୁ ଯାଇ ପଚାରିଲେ କ'ଣ ହେଇଛି ତୁମର ? ଏତେ ଭୟଭୀତ କଣ ପାଇଁ ? ଝିଅଟି କହିଲା - ମୁଁ ମ୍ୟାରୀ । ଚର୍ଚ୍ଚର ସାମ୍ନା ଡାକବଙ୍ଗଳା ହେଉଛି ମୋ ଘର । ସେଠି ମୁଁ ମୋ ସାବତ ମାଆ ଆଉ ମାମୁଁଙ୍କ ସହିତ ରହେ । ମୋ ବାପା ମରିବା ପୂର୍ବରୁ ତାଙ୍କର ସବୁ ସ୍ଥାବର ଅସ୍ଥାବର ସମ୍ପତ୍ତି ମୋ ନାଁ ରେ ଉଇଲ କରିଦେଇଛନ୍ତି । ସେଇଥିପାଇଁ ମୋ ସାବତ ମାଆ ଆଉ ମାମୁଁ ମିଶି ମତେ ମାଡମାରି, ମୋ ହାତ-ଗୋଡ଼ ବାନ୍ଧି ମତେ ଜିଆନ୍ତା ଗୋଟେ ବାକ୍ସରେ ପୁରାଇ ଏଇ ପାଖ ମଶାଣିରେ ପୋତିଦେଇଥିଲେ । ମୁଁ ସେଇ ବାକ୍ସ ଭିତରେ ବହୁତ ଅଣନିଶ୍ୱାସୀ ହେଇପଡୁଥିଲି । ଖୁବ୍ ଜୋର୍ ରେ ଚିତ୍କାର କରି ସାହାଯ୍ୟ ମାଗୁଥିଲି । ସେଇ ବାକ୍ସକୁ ନିଜ ହାତ ଆଉ ଗୋଡ ଦ୍ୱାରା ଖୁବ୍ ଜୋରରେ ଆଘାତ କରୁଥିଲି ଖୋଲିବା ପାଇଁ । ଧୀରେ ଧୀରେ ମୋର ନିଶ୍ୱାସ ବନ୍ଦ ହେଇ ଆସୁଥିଲା । ମୋର ତଣ୍ଟି ସୁଖିସୁଖି ଆସୁଥିଲା । ମୋର ହାତ ଆଉ ଗୋଡ଼ ନିସ୍ତେଜ ହେଇ ଆସୁଥିଲା ।

ଠିକ୍ ସେତିକିବେଳେ କେଉଁ ଏକ ଅଲୌକିକ ଶକ୍ତି ବଳରେ ମୁଁ ସେଇ ବାକ୍ସ ଭାଙ୍ଗି ବାହାରକୁ ବାହାରି ଆସିଲି । ଆଉ ନିଜ ଜୀବନ ବଞ୍ଚାଇବା ପାଇଁ ଏଇ ଚର୍ଚ୍ଚ ଭିତରକୁ ପଶିଆସିଲି । ମତେ ବଞ୍ଚାଅ ଫାଦର । ନହେଲେ ସେମାନେ ମତେ ଆଉଥରେ ମାରିଦେବେ । ନିରୀହ ଝିଅଟି ମୁହଁରୁ ଏସବୁ ଶୁଣି ପ୍ରଫେସର ଫାଦର ସ୍ତବ୍ଧ ହେଇ ଦୁଇପାଦ ପଛକୁ ଫେରିଆସିଲେ । ଏବଂ ନିଜର ବିଦ୍ୟା ବଳରେ ଧ୍ୟାନକରି ସବୁ ସତକଥା ଜାଣିପାରିଲେ । ଫାଦର ଆଖିଖୋଲି ସେ ଝିଅଟିକୁ ରେଷ୍ଟ-ଇନ-ପିସ୍ ମାଇଁ ଚାଇଲ୍ଡ଼ ବୋଲି କହିଲେ । ମ୍ୟାରୀ କିଛି ବୁଝିନପାରି ଫାଦରଙ୍କୁ ଆଉଥରେ ନିଜକୁ ସୁରକ୍ଷା ଦେବାପାଇଁ ବିନମ୍ର କଲା । ଫାଦର କହିଲେ - ଗୋଟେ ଆତ୍ମାକୁ ମୁଁ କେମିତି ବଞ୍ଚିବାପାଇଁ ସାହାଯ୍ୟ କରିପାରିବି ମାଇଁ ଚାଇଲ୍ଡ଼ । ତୁମେ ମରିସାରିଛ । ଏବେ ମୋ ସାମ୍ନାରେ ଯିଏ କଥା କହୁଛି ସେ ହେଉଛି ତୁମ ଆତ୍ମା । ମ୍ୟାରୀ କହିଲା - ନା ନା ଏମିତି ହେଇପାରିବ ନାହିଁ । ମୁଁ ବଞ୍ଚିଛି... ।

ହଁ ହଁ ମୁଁ ବଞ୍ଚିଛି । ମ୍ୟାରୀ ନିଜ ଦେହ ଆଉ ମୁଣ୍ଡର ବାଳକୁ ସଜାଡି ପୁଣି କହିଲା ହଁ ହେଇ ଦେଖ ଫାଦର ମୁଁ ବଞ୍ଚିଛି । ମୁଁ ବଞ୍ଚିଛି । ଫାଦର ସେଇ ନିରୀହ ଝିଅଟିର କରୁଣ ଆତ୍ମବିଶ୍ୱାସ ସାମ୍ନାରେ ମର୍ମାହତ ହେଇ ପଡୁଥିଲେ । ହେଲେ ସତ କେବେବି ବଦଳି ପାରିବ ନାହିଁ । ଆଉ ସତ ହେଉଛି ଯେ ମ୍ୟାରୀ ଆଉ ଏ ଦୁନିଆଁରେ ନାହିଁ ।ଫାଦର ନିଜର କୋହକୁ ଚାପି ମ୍ୟାରୀକୁ ତା'ର ମୃତ୍ୟୁର ସତ୍ୟ ଅବଲୋକନ କରାଇବା ପାଇଁ କହିଲେ - ମ୍ୟାରୀ ତମେ ମରିସାରିଛ । ଏଇଟା ତୁମ ଶରୀର ନୁହେଁ ତୁମ ଆତ୍ମା । ମତେ ବିଶ୍ୱାସ କର । ଆଉ ଯଦି ମୋ ଉପରେ ବିଶ୍ୱାସ ପାଉନି ତେବେ ମତେ ଛୁଇଁ ଦେଖ । ଜାଣିପାରିବ ଯେ ତୁମେ ମୃତ । କାରଣ ଆତ୍ମା କେବେ ବଞ୍ଚିଥିବା ବ୍ୟକ୍ତିଙ୍କୁ ଛୁଇଁପାରିବ ନାହିଁ । ଏସବୁ ଶୁଣି ମ୍ୟାରୀ ହାତ ବଢାଇ ଫାଦରଙ୍କୁ ଛୁଇଁବାକୁ ଚେଷ୍ଟା କଲା । କିନ୍ତୁ ଏ କ'ଣ ? ସେ କଣ ସତରେ ଗୋଟେ ଆତ୍ମା ? ଏଇ କିଛି ସମୟ ପୂର୍ବରୁ ତ ସେ ତା ମାଆ ଆଉ ମାମୁଁଙ୍କ ଠାରୁ ଖାଉଥିବା ଗୋଇଠା ଆଉ ଚାପୁଡ଼ାର

କଷ୍ଟକୁ ଅନୁଭବ କରିପାରୁଥିଲା ହେଲେ ଏବେ ହଠାତ ଏ ପରିବର୍ତ୍ତନ କେମିତି ? ସେ କିଛି ଅନୁଭବ କରିପାରୁନି କାହିଁକି ? ମ୍ୟାରୀ ଖୁବ୍ ଜୋର୍ ରେ ଚିତ୍କାର କରି ନିଜ ମୃତ ଶରୀରକୁ ଖୋଜିବାକୁ ଲାଗିଲା । ସେ ପୁନର୍ବାର ବଞ୍ଚିବାକୁ ଚାହୁଁଥିଲା । ସେ ପ୍ରତିଶୋଧ ନେବାକୁ ଚାହୁଁଥିଲା । ସେଇଥିପାଇଁ ମ୍ୟାରୀ ନିଜର କ୍ଷତାକ୍ତ ପୂର୍ଣ୍ଣ ବିକୃତ ଶରୀରରେ ପୁନର୍ବାର ପ୍ରବେଶ କରି ପାଲଟିଗଲା ଏକ ଅଶରୀରୀ । ପାଲଟିଗଲା ଏକ ଜିଆନ୍ତା ଭୁତ । ମଣିଷର ରକ୍ତ ହେଇଗଲା ତା'ର ନିତିଦିନର ପାନୀୟ । ସେ ପାଲଟିଗଲା ଏକ ରାତ୍ରିଚର । କିଟ୍କିଟ ଅନ୍ଧାରର ବକ୍ଷରେ ସେ ଖୋଜିବୁଲିଲା କେବଳ ମଣିଷର କଞ୍ଚା ମାଂସ ଆଉ ହାଡ କଙ୍କାଳ ।

*****

ମଧୁପାଟଣା, କଟକ



# କିଏ ଥିଲା ?

ସୋନାଲି ସ୍ୱାଇଁ

ଅନ୍ଧାର ରାତି, ତୁହା କୁ ତୁହା ବର୍ଷାର ନାଦ, ଦୀର୍ଘ ୭୮ କି.ମି. ଯାତ୍ରା କରିବାକୁ ପଡିବ ଅମିତକୁ । କ୍ଲାନ୍ତି ହଟାଇବା ପାଇଁ କାର୍ ରେ ଲାଗିଛି ଅର୍ଜିତ ସିଂର ଗାନା ସବୁ । ଗୀତ ସାଙ୍ଗକୁ ତାଳ ଦେଇ ଦେଇ ଅମିତ ଆଗକୁ ଚାଲିଛି । କାର୍ ର କାଚ ବନ୍ଦ, ବର୍ଷା ଗୋଟେ ଠୋପା ବି ଆସି ପାରିବନି ଭିତରକୁ । ଏଇ ନିର୍ଜନ ରାତିରେ କାଇଁ ଆଉ କେଉଁ ଗାଡିର ଆଲୋକ ଦେଖିପାରୁ ନଥାଏ ଅମିତ । ସୁମି ମନା କରିଥିଲା ଏଇ ରାସ୍ତା ଦେଇ ଯିବା ପାଇଁ, କୁଆଡେ ଏଇ ରାସ୍ତା ଭଲ ନୁହେଁ, ଆଉ ଏକୁଟିଆ ଯାତ୍ରା କରିବା ତ ଭୟଙ୍କର କଥା । ତଥାପି ସବୁ କଥାକୁ କାଟି ଯାତ୍ରା କରି ଚାଲିଛି ଅମିତ, ଯେମିତି ଆଜି ରାତିରେ ହୋଟେଲରେ ପହଞ୍ଚି କାଲି ମିଟିଙ୍ଗରେ ଉପସ୍ଥିତ ରହିବାକୁ ଅର୍ଡର ଦେଇଛନ୍ତି ବସ୍ ।

ରାତି ପାଖାପାଖି ୧୦ଟା, ଅମିତ ୪୦ କି.ମି. ଯାତ୍ରା କରି ସାରିଲାଣି ଅର୍ଜିତ ସିଂର ଗାନା ଶୁଣି ଶୁଣି, ହଠାତ କେହି ଜଣକୁ ରାସ୍ତା କଡରେ ଛିଡା ହେଇ ଲିଫ୍ଟ ମାଗିବାର ଦେଖି, ଗାଡିକୁ ଟିକେ ସ୍ଲୋ କରି ବ୍ରେକ୍ ମାରିଲା ଅମିତ । ଏଇ ରାସ୍ତାରେ ପୁଣି ଲୋକ ! ଏତେ ରାତି ରେ !!.... ଲିଫ୍ଟ ଦେବାକୁ ଠିକ୍ ମନେ କଲା ନାହିଁ ଅମିତ । ତଥାପି ବିବେକ ବାଧା ଦେଲା । ବାଧ୍ୟ ହେଇ ଡୋର ଖୋଲି ପଛରେ ବସିବାକୁ ଇସାରା କଲା ଅମିତ । ପଛ ସିଟରେ ବସିଥିବା ଲୋକ ଥିଲା ଅଜବ ପ୍ରକୃତିର । ମୁହଁରେ ଟିକେ ହସ ନାହିଁ, କଥା ପଦେ ବି କହିବାର ନାହିଁ, ପୁରା ଚୁପଚାପ । ବାଧ୍ୟ ହେଇ ଅମିତ ପଚାରିଲା କୋଉଠି ଓହ୍ଲାଇବେ ଆପଣ ? ପଛରୁ କିଛି ବି ଉତ୍ତର ଆସୁ ନଥିଲା, ପୁଣି ଥରେ ପଚାରିଲା ଅମିତ, "କେଉଁଠି ଓହ୍ଲାଇବେ ଆପଣ ? "ଲୋକଟି ଉଁ କି ଚୁଁ କିଛି ପଦେ ବି କହୁନଥିଲା । ଅମିତ ଆଉ ସେ ସବୁରେ ଧ୍ୟାନ ନ ଦେଇ ଅର୍ଜିତ ସିଂର ଗାନା ଶୁଣିବାକୁ ଲାଗିଲା ।

ବାଟ ପରେ ପଛ ସିଟରେ ବସିଥିବା ଲୋକଟି ଗାଡି ରଖିବାକୁ ହାତରେ ଇସାରା ଦେଲା, ଅମିତ ଗାଡି ରଖିଲା ରାସ୍ତା କଡରେ ଲୋକ ଟି ପଦେ କିଛି ବି ନ କହି ଚାଲିଗଲା ଆଗକୁ ଆଗକୁ । ଅମିତ ମନେ ମନେ ଭାବୁଥିଲା, କେମିତିକା ଦୁନିଆଁରେ, ଏତେ ରାତିରେ ଜଣେ ଲୋକ ସାହାଯ୍ୟ ପାଇବା ପରେ ବି, ସାଧାରଣ ବିବେକ ଦୃଷ୍ଟିରୁ ଧନ୍ୟବାଦ ଟିଏ କହିବାକୁ ଉଚିତ ମନେ କଲା ନାହିଁ କେମତି... ?

ଅମିତ ଗାଡି ଚଳାଇ ଚଳାଇ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା, ହୋଟେଲରେ ଖାଇ ପି ଟିକେ ରେଷ୍ଟ ନେଇ ନିଉଜ ଚ୍ୟାନେଲ ଖୋଲି ଦେଖେ ତ, ଚନ୍ଦକାରୁ ଖଣ୍ଡଗିରି ରାସ୍ତାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର, ହତ୍ୟା ସନ୍ଦେହ, ସକାଳୁ ହତ୍ୟା ହେଇଛି ବୋଲି ପୋଲିସର ସନ୍ଦେହ । ଅମିତ ଯୁବକର ମୁହଁ ଦେଖି ଚମକି ପଡିଲା, କାଇଁ ନା ସେଇ ମୁହଁର ସମାନତା ଥିଲା ତା’ ଗାଡି ପଛ ସିଟର ବସିଥିବା ଯୁବକ ସହିତ । ଅମିତ ଭାବୁଥିଲା, ଯଦି ଯୁବକର ମୃତ୍ୟୁ ସକାଳୁ ହେଇ ସାରିଛି, ରାତି

୧୦ଟାରେ ଲିଫ୍ଟ ନେଇଥିବା ଯୁବକ କିଏ ଥିଲା ? ଭୟରେ ଅମିତ ଥରିବାକୁ ଲାଗିଲା, ସାଙ୍ଗେ ସାଙ୍ଗେ ଟିଭି ଅଫ କରି ସୁମି ପାଖକୁ କଲ୍ ଲଗାଇଲା ଅମିତ...।

*****

ବୋରିକିନା, ଜଗତସିଂହପୁର

# ଧରପଗଡ ଛନକା



ପ୍ରଶାନ୍ତ କୁମାର ବେହେରା

ସକାଳୁ ସକାଳୁ ଦେଖିଲି ଜଣେ ଲୋକ ମୁଣ୍ଡରେ ହେଲମେଟ୍ ଦେଇ ଆମ ଘରକୁ ଆସିବା ପାଇଁ ଗେଟ୍ ଖୋଲି ଭିତରେ ପଶି ସାରିବା ପରେ ପୁଣି ଗେଟ୍ ଦେଉଛନ୍ତି । ନୂଆକରି ଲାଗୁ ହୋଇଥିବା ମୋଟର ଯାନ ଆଇନକୁ ଏତେ ସଚେତନ ହୋଇ ପାଳନ କରୁଥିବାରୁ ମୁଁ ଖୁବ୍ ଆଶ୍ଚର୍ଯ୍ୟ ମଧ ହୋଇଗଲି । ପାଖକୁ ଆସିବା ପରେ ଜାଣିଲି ସେ ମୋ ନିଜ ମଉସା । ବୟସ ୭୦ ବର୍ଷ, ନାମ ଚନ୍ଦ୍ରକାନ୍ତ ଦାସ । ଆମ ଘରଠାରୁ ମାତ୍ର କିଛି ଦୂରରେ ସେଇ ଗୋପାଳସାଗରରେ ଘର ଭଡାନେଇ ରହୁଛନ୍ତି । ସେମିତି ହେଲମେଟ୍ ପିନ୍ଧା ଅବସ୍ଥାରେ ଆସି ଚେୟାରରେ ବସି ପଡିଲେ ।

ମୁଁ କହିଲି, "ମଉସା ଆପଣ ହେଲମେଟ୍ ଟା ଖୋଲୁନାହାନ୍ତି ?"

ସେ କହିଲେ, " ନାଇଁ କାମ ଅଛି, ପଳେଇବି । ମୁଁ ପରା ଏଇ ଦୁଇଦିନ ତଳେ ୫୦୦ ଟଙ୍କା ଫାଇନ୍ ଦେଇଛି ଥାନାଛକରେ । ପାଖରେ ବୋଲି କ'ଣ ଜିନିଷପତ୍ର କିଣିବାକୁ ସାନବଜାର ଯାଇଥିଲି ବିନା ହେଲମେଟ୍ ରେ । ସେଠି ପୁଲିସ୍ ହାବୁଡରେ ପଡିଗଲି ପରା । ସେଇଦିନଠୁ ପାଖା ପାଖି ଯୁଆଡେ ଗଲେ ବି ଏଇ ହେଲମେଟ୍ ସହିତ ।"

ମୁଁ ପୁଣି କହିଲି, "ମଉସା ବେଳା ଭଲ । ମାତ୍ର ୫୦୦ ଟଙ୍କା ଦେଇଛନ୍ତି । ଅନ୍ୟଆଡେ ପରା ହଜାର ହଜାର ଟଙ୍କାର ଫାଇନ୍ କଟା ହେଉଛି ।"

ସେ କହିଲେ, "କାଇଁ ମୋର ଆଉ ସବୁ କାଗଜପତ୍ର ତ ଠିକ୍ ଅଛି । ଅଧିକ ଫାଇନ୍ କେମିତି କରିବେ ? କେବଳ ପଲ୍ୟୁସନ୍ ସାର୍ଟିଫିକେଟ୍ ଗତ ମାର୍ଚ୍ଚରୁ ପୁରି ଯାଇଛି । ସେଇ ଗୋଟିକ କରିଦେଲେ ଆଉ କିଛି ଅସୁବିଧା ନାହିଁ ।" ମୁଁ ଦେଖିଲି ମଉସାଙ୍କୁ ୭୦ ବର୍ଷ ହେଲେବି ସବୁ ନିୟମରେ ପୁରା ଅପଟୁଡେଟ୍ ଅଛନ୍ତି ।

ମୋ ବାଇକ୍ ପାଇଁ ମୁଁ କେବେ ପଲ୍ୟୁସନ୍ ସାଟିଫିକେଟ୍ କରିନି ଆଜିଯାଏ । କିନ୍ତୁ ସେ ପୂର୍ବରୁ ବି ତାକୁ କରିଛନ୍ତି । ଏବେ ସେଇ ସାଟିଫିକେଟ୍ କରିବାକୁ ଚାହୁଁଛନ୍ତି କିନ୍ତୁ ଏତେ ଭିଡ ସେଥିପାଇଁ କରିପାରି ନାହାନ୍ତି । ମୁଁ ତାଙ୍କୁ ପଚାରିଲି, "ତାହେଲେ ମଉସା ସରକାରଙ୍କ ଏ ନିୟମ ଠିକ୍ ? "ସେ କହିଲେ, "ହଁ ପୁରା ଠିକ୍, ଲୋକ ଯିଏ ମଦ ପିଇ ଗାଡି ଚଳାଉଛନ୍ତି, ନିଶାରେ ଧକ୍କାକରି ନିଜେ ତ ମରୁଛନ୍ତି ଆଉ ତା' ସହିତ କେତେ ନିରୀହ ଲୋକଙ୍କୁ ବି ମାରୁଛନ୍ତି । ଆଉ ଏ ହେଲମେଟ୍ ପିନ୍ଧିଲେ ଆମେ ସୁରକ୍ଷିତ ରହିବା । ତେଣୁ ନିୟମ କଡାକଡି ହୋଇଛି ଭଲ । କିନ୍ତୁ ଗାଡି ଦାମ୍ ଯେତିକି ହେବନି ତାଠାରୁ ଅଧିକ ଫାଇନ୍ କାଟିବା ନିହାତି ଭୁଲ୍ ।" ତେବେ ସେ ଯାହାହେଉ ମଉସା ବାହାରିବା ପୂର୍ବରୁ ମୋତେ ପଚାରିଲେ, ଆଛା ସେ ଯେଉଁ ୫୦୦ ଟଙ୍କାର ରସିଦ୍ କାଟିଛନ୍ତି ସେଥିରେ ତାରିଖ ଭୁଲ୍ ଲେଖିଛନ୍ତି । ଭବିଷ୍ୟତରେ କିଛି ଅସୁବିଧା ହେବ କି ?"

ମୁଁ କହିଲି, "ନାଇଁ, ଜୋରିମାନା ଆଦାୟ ବାବଦକୁ ମିଳୁଥିବା ରସିଦ୍ ର ପୁଣି ଭବିଷ୍ୟତ କଣ ? "

ସେ କିନ୍ତୁ ଖୁବ୍ ବ୍ୟସ୍ତହୋଇ ପକେଟରୁ ରସିଦ୍ ଗୋଟେ ଜରି ଭିତରୁ (କାଳେ ବର୍ଷାରେ ଭିଜିଯିବ) ବାହାରକରି ମୋତେ ଦେଖାଇଲେ । ଦେଖିଲି ତାଙ୍କ ପାଖରେ ଗାଡି କାଗଜପତ୍ର ସହିତ ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ଓ ସେଇ ଅବଧି ପୁରିଯାଇଥିବା ପଲ୍ୟୁସନ୍ ସାଟିଫିକେଟ୍ ଓ ଫାଇନ୍ ବାବଦକୁ ୫୦୦ ଟଙ୍କା ଦେଇ କାଟିଥିବା ରସିଦ୍ ସବୁ ରହିଛି । ଦେଖିବାରୁ ଜାଣିଲି ସେଇ ରସିଦ୍ ଚାଲାଣ୍ କଟା ମେସିନ୍ ରୁ ବାହାର କରାନଯାଇ ହାତ ଅକ୍ଷର ଲେଖା ରସିଦ୍ । ତଳେ ଯିଏ ରସିଦ୍ କାଟିଛନ୍ତି ତାଙ୍କ ଦସ୍ତଖତ ତଳକୁ ଠିକ୍ ତାରିଖ ଥିବା ସ୍ଥଳେ କେବଳ ଉପରେ ଗୋଟେ ମାସ ଆଗୁଆ ତାରିଖ ଲେଖା ଯାଇଛି ।"

ମୁଁ ଦେଖୁଥିବା ଅବସ୍ଥାରେ ମଉସା ବ୍ୟସ୍ତ ହୋଇ କହିଲେ, ଥାନାକୁ ଯାଇ ଏଇ ତାରିଖକୁ ଠିକ୍ କରି ଆଣିବି କି ? "

ମଉସା ଆମର ଜଣେ କେନ୍ଦ୍ର ସରକାରଙ୍କ ବିସଏନଲ୍ ବିଭାଗର ରିଟାୟର୍ଡ଼୍ କର୍ମଚାରୀ । ଆଇନକୁ ଯାହା କୁହନ୍ତି ଅକ୍ଷରେ ଅକ୍ଷରେ ପାଳନ କରିବା ଲୋକ । ମୁଁ କହିଲି," କିଛି ଆବଶ୍ୟକ ନାହିଁ ଥାନାକୁ ଯିବା ।

ସେଦିନ ବୋଧହୁଏ ବହୁତ ଲୋକ ଲାଇନରେ ଥିବେ ଫାଇନ ଦେବାକୁ ତେଣୁ ତରତର ହୋଇ ରସିଦ୍ କାଟିବା ବେଳେ ଏମିତି ଭୁଲ୍ ହୋଇଛି । ଏହାକୁ କ୍ଲରିକାଲ୍ ଏରର୍ ବୋଲି କୁହାଯାଏ । ଆପଣ ସେଥିପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁନି । ଯାହା ଅସୁବିଧା ହେବ ମୁଁ ବୁଝିବି ।" ମୋ ଠାରୁ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ମଉସାଙ୍କ ମନ ବୁଝିଲା ଏବଂ ସେ ତାଙ୍କ କାମରେ ସେମିତି ମୁଣ୍ଡରେ ହେଲମେଟ୍ ପିନ୍ଧା ଅବସ୍ଥାରେ ଚାଲିଗଲେ । ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ପରିବହନ ଆଇନ ଆଧାରରେ ଆମ ରାଜ୍ୟ ଓଡିଶାରେ ଚଳିତ ମାସ ଅର୍ଥାତ୍ ସେପ୍ଟେମ୍ବର୍ ୧ ତାରିଖରୁ ଯାନବାହାନ ପରିବହନ ଓ ଟ୍ରାଫିକ୍ ନିୟମ - ୨୦୧୯କୁ କଡାକଡି କରି ଲାଗୁ କରାଯାଇଛି । ଅବଶ୍ୟ ମଧ୍ୟପ୍ରଦେଶ, ପଞ୍ଜାବ ଆଦି ୫ଟି ରାଜ୍ୟ ଏଇ ନିୟମକୁ ଏପର୍ଯ୍ୟନ୍ତ ଲାଗୁ କରିନାହାନ୍ତି । ଯେଉଁ ରାଜ୍ୟ ମାନଙ୍କରେ ଏଇ ନୂତନ ନିୟମ ଲାଗୁ ହେଲା ସେଠାରେ ଉପୁଜୁଥିବା ପରିସ୍ଥିତିକୁ ନିୟମ ଲାଗୁ କରିନଥିବା ରାଜ୍ୟମାନେ ଖୁବ୍ ସତର୍କତାର ସହିତ ଦେଖୁଥିବେ ଆଉ ହଠାତ୍ ଲାଗୁ

କରିନଥିବାରୁ ଖୁବ୍ ଖୁସି ବି ହେଉଥିବେ ।

ଆମ ରାଜ୍ୟରେ ଏଇ ନିୟମ ଲାଗୁଲାଗୁ ଏମିତି କଡାକଡି ଆମ ପରିବହନ ବିଭାଗର ଓ ପୋଲିସ୍ ବିଭାଗର କର୍ମଚାରୀମାନେ କଲେ ଯେ ସାରା ଭାରତରେ ଓଡିଶା ଜୋରିମାନା ଆଦାୟରେ ଏକ ନମ୍ବର ସ୍ଥାନ ଅଧିକାର କରିନେଲା । ବାଇକ୍ ଚାଳକଙ୍କ ଠାରୁ ୫୦୦ ଟଙ୍କାରୁ ଆରମ୍ଭ କରି ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବାବଦକୁ ରସିଦ୍ କଟାଗଲା । ଭୁବନେଶ୍ୱରରେ ଗୋଟେ ଅଟୋ ଚାଳକକୁ ୪୭,୫୦୦ ଟଙ୍କାର ଜୋରିମାନା କରାଯାଇ ରସିଦ୍ କାଟିଦିଆଗଲା । ସେ ମଦ ପିଇ ଗାଡି ଚଳାଉଥିଲା ଏବଂ ତା ଗାଡିର କୌଣସି କାଗଜପତ୍ର ଠିକ୍ ନଥିଲା । ତା ନିଜର ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ବି ନଥିଲା । ସେ ଧରାପଡିବା ପରେ ସିଧା ସିଧା କହିଲା, " ମୁଁ ଏଇ ସାତଦିନ ପୂର୍ବରୁ ୩୦ ହଜାର ଟଙ୍କାରେ ଏ ସେକେଣ୍ଡହ୍ୟାଣ୍ଡ୍ ଅଟୋକୁ କିଣିଛି । ଏତେ ଟଙ୍କା ଫାଇନ୍ କୋଉଠୁ ଆଣି ଦେବି ? ଗାଡି ରହୁ ପଛେ ମୁଁ ଟଙ୍କା ଦେଇ ପାରିବି ନାହିଁ ।

ତାକୁ ପୁଣି କୁହାଗଲା , "ଗାଡି ନ ନେଲେ ମଧ୍ୟ କେସ୍ ହେବ । "ସେ ବି ସିଧା କହିଲା, " କେସ୍ କର କି ଜେଲ୍ ରେ ପୁରାଅ, ଏତେ ଟଙ୍କା ମୋ ପାଖରେ ନାହିଁ ।"

ଠିକ୍ ସେହିପରି ପଶ୍ଚିମ ଓଡିଶାରେ ଗୋଟେ ବାହାର ରାଜ୍ୟରୁ ଆସିଥିବା ଟ୍ରକ୍ ଓଭରଲୋଡିଙ୍ଗ୍ ଠାରୁ ଆରମ୍ଭକରି ବିଭିନ୍ନ ବାବଦକୁ ପାଖା ପାଖି ୮୦ ହଜାର ଟଙ୍କାର ଜୋରିମାନା ଦେଲା । କୌଣସି ଗୋଟିଏ ଗାଡିରୁ ଏତେ ଟଙ୍କା ଆଦାୟ କରିବା ବୋଧହୁଏ ସାରା ଭାରତରେ ରେକର୍ଡ ସୃଷ୍ଟି କରିଥିବ ।

ଅନ୍ୟ ରାଜ୍ୟରେ ଗୋଟେ ବାଇକ୍ ଉପରେ ୩୦ ହଜାର ଟଙ୍କାର ଜୋରିମାନା ବସାଯିବାରୁ ସେଇ ବାଇକ୍ ଚାଳକ ଜଣଙ୍କ ଏତେ ମାତ୍ରାରେ ରାଗିଗଲେ ଯେ , ସେଇ ବାଇକ୍ ର ତେଲ ଟାଙ୍କିରୁ ପେଟ୍ରୋଲ୍ କାଢି ସେଥିରେ ନିଆଁ ଲଗାଇ ନିଜର ରାଗକୁ କିଛି ମାତ୍ରାରେ ପ୍ରଶମିତ କଲେ । କିନ୍ତୁ ପୁଲିସ୍ ବିଭିନ୍ନ ଦଫା ଲଗାଇ ତାଙ୍କ ନାଁ ରେ କେସ୍ ରୁଜୁ କରିଛନ୍ତି ।

ଆମ ପଡୋଶୀ ରାଜ୍ୟ ଝଡଖଣ୍ଡରେ ବାଇକ୍ ରେ ଯାଉଥିବା ଜଣେ ଟ୍ରାଫିକ୍ କନେଷ୍ଟେବଲ ଓ ତାଙ୍କ ପଛରେ ବସିଥିବା ଟ୍ରାଫିକ୍ ସବ-ଇନ୍ସପେକ୍ଟର ଉଭୟେ କେହି ହେଲମେଟ୍ ପିନ୍ଧି ନଥିଲେ । ବାଟରେ ଏସପିଙ୍କ ଦ୍ୱାରା ହେଉଥିବା ଚେକିଙ୍ଗ୍ ରେ ଧରିପଡିଗଲେ । ଦେଖାଗଲା ଯେ ଚାଳକଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ୍, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ନଥିବାରୁ ୧୭ ହଜାର ଟଙ୍କାର ଜୋରିମାନା ହୋଇଥିଲା । କିନ୍ତୁ ନୂଆ ଆଇନ୍ ଅନୁଯାୟୀ ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଯଦି ଟ୍ରାଫିକ୍ ନିୟମ ଉଲ୍ଲଘଂନ କଲେ ତେବେ ତାଙ୍କୁ ଦୁଇଗୁଣା ଜୋରିମାନା ଦେବାକୁ ହେବ ଆଉ ସେହି ଅନୁସାରେ ଉକ୍ତ ଟ୍ରାଫିକ୍ କନଷ୍ଟେବଲଙ୍କୁ ୩୪ ହଜାର ଟଙ୍କାର ଜୋରିମାନା ଦେବାକୁ ହେଲା ଏବଂ ତାହା ସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି । କିନ୍ତୁ ଏହି ଘଟଣା ନିଶ୍ଚୟ ଖୁବ୍ ବିରଳ । ସୋସିଆଲ୍ ମିଡିଆରେ ପ୍ରାୟ ପୁଲିସ୍ ଓ ଟ୍ରାଫିକ୍ ବିଭାଗର କର୍ମଚାରୀ ମାନେ ବିନା ହେଲମେଟ କିମ୍ବା ପିସିଆର୍ ଭ୍ୟାନ୍ ରେ ସିଟ୍ ବେଲ୍ଟ୍ ନବାନ୍ଧି

ଯାତାୟାତ କରୁଥିବାର ଭିଡିଓ ଭାଇରାଲ୍ ହେଉଛି । ଆଉ ଏକ ଘଟଣା ଯାହା ଏବେ ଆଲୋଚନାର ଖୋରାକ୍ ଯୋଗାଉଛି ତାହା ହେଲା ଜୈନେକ ଟ୍ରାଫିକ୍ କର୍ମଚାରୀ ପାରାଦୀପ ପାଖରେ ଜଣେ ଟ୍ରକ ଚାଳକଙ୍କ ଠାରୁ କିଛି ଟଙ୍କା ନେଉଥିବା ଦୃଶ୍ୟକୁ କେହି ଭିଡିଓ କରି ଭାଇରାଲ୍ କରି ଦେଇଛି । ଫଳରେ ଜଗତସିଂହପୁରର ଏସ୍.ପି. ସେହି ଟ୍ରାଫିକ୍ କର୍ମଚାରୀଜଣଙ୍କୁ ସସ୍-ପେଣ୍ଡ କରିବା ସହିତ ପାରାଦୀପଥାନା ଆଇ.ଆଇ.ସି.ଙ୍କୁ ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ପ୍ରକୃତରେ ସେଇ ଭିଡିଓ କୁଆଡେ ଛଅମାସ ତଳର । କିନ୍ତୁ ଏବେ କିଏ ତାକୁ ଭାଇରାଲ କରିଦେବାରୁ ବିଚରା ଟ୍ରାଫିକ୍ କର୍ମଚାରୀ ଜଣଙ୍କ ହରଡଘଣାରେ ପଡିଗଲେ । ସେଇ କର୍ମଚାରୀ ଜଣଙ୍କ କିନ୍ତୁ ଦୃଢ଼ ଭାବରେ କହୁଛନ୍ତି ଯେ ସେଇ ଲୋକଟି ତାଙ୍କୁ ପଇସା ଦେଉନି ବରଂ ସେ ତାକୁ ମାଛ ଆଣିବାକୁ ପଇସା ଦେଉଛନ୍ତି । ତେବେ ଘଟଣା ଯାହା ହେଲେବି, ସାରା ଦେଶରେ ହାତଗୁଞ୍ଜାନେଇ କିଛି ପୁଲିସ୍ ବା ଟ୍ରାଫିକ୍

କର୍ମଚାରୀ ବେଆଇନ୍ ଭାବରେ ଗାଡି ଚଳାଉଥିବା ଚାଳକମାନଙ୍କୁ ଛାଡିଦେଇଥାନ୍ତି । ଏ କଥା ସବୁ ରାଜ୍ୟରେ ଘଟେ ଆଉ ଆମ ରାଜ୍ୟ ଓଡିଶା ବି ସେଥିରୁ ବ୍ୟତିକ୍ରମ ହୋଇନି । କିନ୍ତୁ କେତେବେଳେ କୋଉ କର୍ମଚାରୀଙ୍କର ବେଳା ଖରାପ ପଡିଗଲେ ଧରିପଡି ଯାଆନ୍ତି । ଖାଲି ରାସ୍ତା ଘାଟରେ ଏମିତି ଲାଞ୍ଚ କାରବାର ହୁଏନି । ବିଭିନ୍ନ ଅଫିସ୍ ଓ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ସରକାରଙ୍କର ବିଭିନ୍ନ ବିଭାଗରେ ଏମିତି ଲାଞ୍ଚ କାରବାର କିଛି ଅଧିକାରୀ କରିଥାନ୍ତି । ଯାହା ବେଳା ଖରାପ ବା ଶନିଦଶା ପଡେ ସେମାନେ ଧରାପଡି ଯାଆନ୍ତି । ଆଉ କିଛି ଧରା ନପଡି ଖୁବ୍ ସଚ୍ଚୋଟ ଲୋକ ବୋଲି ନିଜର ଡିଣ୍ଡିମ ପିଟନ୍ତି । ଭୁବନେଶ୍ୱରର କଳ୍ପନା ଛକରେ ଗାଡି ଯାଞ୍ଚ ହେଉଥିବା ବେଳେ ଜଣେ ଅଟୋ ଚାଳକକୁ ୧୦ ହଜାର ଟଙ୍କାର ଜୋରିମାନା ଦେବାକୁ ରସିଦ୍ କଟାଗଲା । ଏହାକୁ ନେଇ ସେଠାରେ ଉପସ୍ଥିତ ଥିବା ଲୋକ ମାନଙ୍କ ସହିତ ସବୁ ଅଟୋ ଚାଳକ ମେଳିବାନ୍ଧି ପୁଲିସ୍ ଗାଡିର କାଗଜପତ୍ର

ସହିତ ପ୍ରଦୂଷଣ ପ୍ରମାଣପତ୍ର ଦେଖାଇବାକୁ କହିବାରୁ ପୁଲିସ୍ ହଟହଟା ହୋଇ ସେଇ ସ୍ଥାନ ଛାଡି ପଳାଇଲା । ଏମିତି ପରିସ୍ଥିତି ଭିତରେ ଓଡିଶା ସରକାରରେ ମନ୍ତ୍ରୀଥିବା ଶ୍ରୀଯୁକ୍ତ ସୁଶାନ୍ତ ସିଂହ ଗଣ ମାଧ୍ୟମ ସାମ୍ନାରେ ଖୋଲାଖୋଲି କରି କହିଲେ ଯେ, ଲୋକ ମାନଙ୍କଠାରୁ ଏତେ ଅଧିକ ଟଙ୍କା ଆଦାୟ କରିବା ଅନୁଚିତ୍ । ଏଇ ଆଇନରେ ବହୁତ ଅସଙ୍ଗତି ରହିଛି । ବାଇକ୍ ଚାଳକଙ୍କ ଡିଏଲ୍ ନଥିଲେ ତାଙ୍କୁ ଯେତିକି ଜୋରିମାନା କରାଯାଉଛି, ୫୦ ଲକ୍ଷର ବଡ ଗାଡି ଚଳାଉଥିବା ଚାଳକଙ୍କଠାରୁ ମଧ୍ୟ ସେତିକି ଜୋରିମାନା ଆଦାୟ କରାଯାଉଛି । ତାପରେ ଏଥିପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ଏବଂ ସଚେତନ ହେବାକୁ ସୁଯୋଗ ଦେବା ଉଚିତ୍ ।" ପ୍ରାୟ ସବୁ ମିଡିଆଠାରୁ ଆରମ୍ଭ କରି ସେସିଆଲ୍ ମିଡିଆରେ ଏଇ କଠୋର ମୋଟର ଯାନ ଆଇନ ବିରୋଧରେ ସ୍ୱର ଉଠିବା ଆରମ୍ଭ ହେଲା । ବିଭିନ୍ନ ଜାଗାରେ ଲୋକମାନେ ଏକାଠି ହୋଇ ସାମାନ୍ୟ ଭୁଲ୍ ପାଇଁ ବହୁ ଅଧିକ ଜୋରିମାନା ଆଦାୟ କରାଯାଉଛି ବୋଲି ଖୋଲାଖୋଲି ଅଭିଯୋଗ କଲେ ।

ଜନ ଆକ୍ରୋଶ ଦିନକୁ ଦିନ ବଢିବାରେ ଲାଗିଲା ।

ସେଇପରି ଭଦ୍ରକର ଜଣେ ପରିବହନ ଅଧିକାରୀ ଜଣେ ସାବାଳକ କଲେଜ ଛାତ୍ରୀ ତାଙ୍କ ବାପାଙ୍କ ଗାଡି ଚଳାଉଥିବାରୁ ଅନଅଧିକୃତ ଗାଡି ବାବଦକୁ ୫ ହଜାର, ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ନଥିବାରୁ ୫ ହଜାର, ଇନ୍ସୁରାନ୍ସ୍ ବାବଦକୁ ୨ ହଜାର ଓ ବିନା ହେଲମେଟ୍ ପାଇଁ ୧ ହଜାର ଏମିତି ସର୍ବମୋଟ ୧୩ ହଜାର ଟଙ୍କାର ଜୋରିମାନା ରସିଦ୍ କାଟି ଧରାଇ ଦିଆଯାଇଛି । ଏଠି ପ୍ରଶ୍ନ ଉଠୁଛି - ପରିବାରର ସମସ୍ତଙ୍କର ତାହେଲେ ବାଇକ୍ ବା କାର୍ କିଣିବାକୁ ପଡିବ କି ? ପୁଅ ଝିଅ କଣ ନିଜ ପିତାଙ୍କ ଗାଡି ଚଳାଇଲେ ଅନଅଧିକୃତ ବୋଲି ବିବେଚନା କରାଯିବ କି ? ଝିଅଟି କହିଛି କି ସେ ଇନ୍ସୁରାନ୍ସ୍ ଓ ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ଆଣି ଦେଖାଇବି । କିନ୍ତୁ ତା' କଥା କେହି ଶୁଣିଲେ ନାହିଁ । ସେଇ ଚେକିଙ୍ଗ୍ ଟିମ୍ ରେ କୌଣସି ମହିଳା ପୁଲିସ୍ ମଧ୍ୟ ଉପସ୍ଥିତ ନଥିଲେ । ଏଇ ଘଟଣାରେ ଭଦ୍ରକର ପରିବହନ ଅଧିକାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ,

ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ନଥିବା ଲୋକକୁ ଯିଏ ଗାଡିଦେବ ସେଠି ଅନଅଧିକୃତ ନିୟମ ଲାଗୁହେବ ହିଁ ହେବ । କିନ୍ତୁ ସେଇ ଭଦ୍ରକରେ ଏଇ ଘଟଣାର ପୂର୍ବଦିନ ରାଜ୍ୟର ଆଇନ ମନ୍ତ୍ରୀ କି ତାଙ୍କ ଡ୍ରାଇଭର୍ କେହି ସିଟ୍ ବେଲ୍ଟ୍ ନବାନ୍ଧି କାର୍ ରେ ବସି ବାଇକ୍ ରାଲି ମଝିରେ ଯାଉଥିଲେ । ସେଇ ଭଦ୍ରକର ଶହଶହ ଯୁବକ ବାଇକ୍ ରେ ବିନା ହେଲମେଟ୍ ରେ ରାଲି କରି ମନ୍ତ୍ରୀଙ୍କୁ ସ୍ୱାଗତ କରୁଥିବା ବେଳେ ଏଇ ପରିବହନ ଅଧିକାରୀ କେଉଁଠି ଥିଲେ ବୋଲି ସୋସିଆଲ୍ ମିଡିଆରେ ବହୁ ଲୋକ ପ୍ରଶ୍ନ ପଚାରିଛନ୍ତି । କେହି କେହି କହିଛନ୍ତି ଯଦି ରାଜ୍ୟର ଆଇନ ମନ୍ତ୍ରୀ ଆଇନ ମାନୁନାହାନ୍ତି ତାହେଲେ ସାଧାରଣ ଜନତାଙ୍କୁ କାହିଁକି ଏହି ଆଇନକୁ ମାନିବାକୁ ବାଧ କରାଯାଇ ହଜାର ହଜାର ଟଙ୍କାର ଫାଇନ୍ କରାଯାଉଛି ।

ଭୁବନେଶ୍ୱରର ରାଜମହଲ ଛକରେ ତା ୦୭/୦୯/୨୦୧୯ ରିଖରେ ଅବସ୍ଥା ଏମିତି ହେଲା ଯେ, ସାଧାରଣ ଜନତା ଏକାଠି ହୋଇ

ପୁଲିସ୍ ଗାଡି, ସରକାରୀ ଗାଡି, ଟାଉନବସ ଏ ସବୁର କାଗଜପତ୍ର ଦେଖିବାକୁ ଅଡି ବସିଲେ । କାହିଁକି ପିସିଆର୍ ଭ୍ୟାନ୍ ରେ ପୁଲିସ୍ ସିଟ୍ ବେଲ୍ଟ ବାନ୍ଧି ବୁଲୁନାହାନ୍ତି । ପରିସ୍ଥିତି ଅଣାୟତ ହେବାରୁ ପୁଲିସ୍ କୁ ଲାଠି ଚାଳନା କରିବାକୁ ପଡିଲା । କଟକ-ଭୁବନେଶ୍ବର ଟୁଇନ୍ ସିଟି ପୁଲିସ୍ କମିସନର ଶ୍ରୀଯୁକ୍ତ ଡ.ସୁଧାଂଶୁ ଶେଖର ଷଡ଼ଙ୍ଗୀ ଶେଷକୁ ଲୋକମାନଙ୍କୁ ବୁଝାଇ କହିଲେ, "କୌଣସି ଗାଡିର କାଗଜପତ୍ର ଯାଞ୍ଚ ହେବନି । ଯେଉଁମାନେ ମଦ ପିଇ ଗାଡି ଚଳାଉଥିବେ, ମୁଣ୍ଡରେ ହେଲମେଟ୍ ନଥିବ, ସିଟ୍ ବେଲ୍ଟ ବାନ୍ଧି ନଥିବେ, ରାସ୍ତାର ରଙ୍ଗ୍ ସାଇଡ୍ ରେ ଯାଉଥିବେ, ମୋବାଇଲ୍ ରେ କଥାହୋଇ ଗାଡି ଚାଳନା କରୁଥିବେ ବା ୩ ଜଣ ବାଇକ୍ ରେ ବସି ଯାଉଥିବେ କେବଳ ସେଇମାନଙ୍କୁ ପୁଲିସ୍ ଧରି ଫାଇନ୍ କରିବ । ଅନାନ୍ୟ ବାବଦରେ କୌଣସି ଗୁଜବକୁ ନ ଶୁଣିବାକୁ ସେ ଲୋକମାନଙ୍କୁ ଅନୁରୋଧ ମଧ୍ୟ କଲେ । ଏଥିରୁ ସ୍ପଷ୍ଟ ହୋଇଗଲା ଯେ ବିଗତ ୬ ଦିନ ଧରି ଯେଉଁ ଭାବରେ କଡାକଡି କରି ନୂତନ ମୋଟର

ଯାନ ଆଇନକୁ କାର୍ଯ୍ୟକାରୀ କରାଯାଉଥିଲା ସେଥିରେ କିଛି ଢିଲା ଦେବାକୁ ନିଶ୍ଚୟ ପୁଲିସ୍ ଓ ପରିବହନ କର୍ମଚାରୀ ମାନଙ୍କ ପାଖକୁ ଉପରୁ ନିର୍ଦ୍ଦେଶ ଆସିଥିବ ।

ତେବେ ସେ ଯାହା ବି ହେଉ, କେତେକ କ୍ଷେତ୍ରରେ ଗାଡି ଦାମ୍ ଠାରୁ ଆଦାୟ କରାଯାଉଥିବା ଜୋରିମାନା ବଳିଯାଉଥିଲା । ଗାଡି ଚାଳକ ମାନଙ୍କ ଭିତରେ ଏଇ ଆଇନକୁ ନେଇ ଯାହାକୁ କୁହନ୍ତି ପୁରା କୋକୁଆ ଭୟର ବାତାବରଣ ସୃଷ୍ଟି ହୋଇଛି । ସୋସିଆଲ୍ ମିଡିଆରେ ଏଇ କଠୋର ଆଇନକୁ ନେଇ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ମତ ପୋଷଣ କରୁଛନ୍ତି । ହାତଗଣତି କିଛି ଲୋକ ଏଇ ଆଇନ ସପକ୍ଷରେ ଯୁକ୍ତି କରୁଛନ୍ତି ତ ଆଉ କିଛି କହୁଛନ୍ତି, ପ୍ରଥମେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରାନଯାଇ ଏମିତି ତରବରିଆ ଭାବରେ ଲାଗୁ କରିବା ଆଦୌ ଠିକ୍ ହୋଇନି । କିଛି ଲୋକ ଏଇ ଆଇନକୁ ବିରୋଧକରି ବିଭିନ୍ନ କଥା ସୋସିଆଲ୍ ମିଡିଆରେ ଲେଖି ନିଜର ମନୋଭାବକୁ ସାମ୍ନାକୁ ଆଣୁଛନ୍ତି ।

କିଏ ଲେଖିଲାଣି ପ୍ରଧାନମନ୍ତ୍ରୀ ମୋଦି ଦେଶର ଅର୍ଥନୀତି ଦୁର୍ଦ୍ଦଶାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଏମିତି ଏକ କଠୋର ଆଇନ ଆଣି ସାରା ଦେଶରେ ହଟଚମଟ ସୃଷ୍ଟି କରିଛନ୍ତି । ଆଉ କିଏ ଲେଖିଲାଣି ରାସ୍ତାର ଅବସ୍ଥା ଯେଉଁଠି ଖରାପ୍ ସେଠି ସରକାର ଫାଇନ୍ ଦିଅନ୍ତୁ । ରାସ୍ତା ଘାଟରେ ଗାଇ , ଷଣ୍ଢ , ବୁଲା କୁକୁର ବୁଲିବା ଯୋଗୁ ଯେଉଁ ଦୁର୍ଘଟଣା ଘଟୁଛି ସେଥିପାଇଁ କିଏ ଦାୟୀ ? ଆଉ ଜଣେ ଭାଇ ଜଣେ ଉଲଗ୍ନ ନାଗା ବାବାଙ୍କ ମୁଣ୍ଡରେ ହେଲମେଟ୍ ଦେଇ ବାଇକ୍ ଚାଳନା କରୁଥିବାର ଫଟୋ ଛାଡି ସେଇ ଭାଇ ଜଣଙ୍କ ଲେଖିଛନ୍ତି ," ନାଗାବାବା - ନଂଗା ବାବା - ସରକାର ନେ କିଲା - କି ଟାକ୍ସ୍ ଆଦାୟ କରୁଛ କର ? "

କିଏ ଜଣେ ଲେଖିଛି , " ଭାବୁଛି ସାଇକେଲ୍ ଟିଏ କିଣିବି , ଏତେ ଡରିମରି କିଏ ବାଇକ୍ ଚଳାଇବ ମ ?" ଏମିତି କେତେ ପ୍ରକାରର ଅଦ୍ଭୁତ ମତସବୁ ସୋସିଆଲ୍ ମିଡିଆରେ ଘୁରିବୁଲୁଛି । କେହିକେହି ଲେଖିଛନ୍ତି କେନ୍ଦ୍ରର ସ୍ୱାସ୍ଥ୍ୟ ସମ୍ବନ୍ଧିୟ ଯୋଜନା ଆୟୁସ୍ମାନ୍ କୁ ଏ ଯାଏ ଆପଣାଇ

ନଥିବା ରାଜ୍ୟ ସରକାର ଏଇ ସଂଶୋଧିତ ମୋଟର ଯାନ ଆଇନକୁ କାହିଁକି ସଙ୍ଗେସଙ୍ଗେ ହଁ କଲେ ? କଣ କାଳିଆ ଯୋଜନାରେ ଯେଉଁସବୁ ଟଙ୍କା ବାଣ୍ଟିଥିଲେ ତାକୁ ଭରଣା କରିବାକୁ ଏଇ ଆଇନକୁ ମାଧ୍ୟମ କରିଛନ୍ତି କି ? ଯେଉଁଠି ବ୍ଲାକ୍ ରୋଜ ପରି ଜାହାଜ ବିନା କାଗଜ ପତ୍ରରେ କୋଟି କୋଟି ଟଙ୍କାର ଲୁହା ପଥର ନେଇଯାଏ, କାହା ଉପରେ ଫାଇନ୍ ହୁଏନି, କିନ୍ତୁ ଗୋଟିଏ ଅଟୋ ଉପରେ ୪୭,୫୦୦ ଟଙ୍କାର ଫାଇନ୍ କାଟିବାର ମାନେ କଣ ? ଆଉ କେହି ଲେଖିଛି - ଏଇ ଗରିବ ରାଜ୍ୟର ଜନତା ଟଙ୍କିକିଆ ଚାଉଳ ଏବଂ ପାଞ୍ଚ ଟଙ୍କିଆ ଡାଲମା ଭାତ ଉପରେ ନିର୍ଭର କରୁଥିବା ବେଳେ ତାଙ୍କ ଉପରେ ଏହି ନୂଆ ନିୟମ ଲଗାଇ ହଜାର ହଜାର ଟଙ୍କା ଆଦାୟ କରିବା କେତେଦୂର ଠିକ୍ ? ସେମିତି ଆଉ କିଛି ପ୍ରଶ୍ନ ମଧ୍ୟ ଲୋକମାନେ କରିଛନ୍ତି ସରକାରଙ୍କୁ । ଯେଉଁ ସରକାର ୫ ହଜାର ଟଙ୍କିଆ ଚାକିରି ଖଣ୍ଡେ ଶିକ୍ଷିତ ବେକାର ଯୁବକ ମାନଙ୍କୁ ଦେବାର କଥା ରଖିପାରୁନି ସେଇ ସରକାର କେମିତି ସାଧାରଣ ଲୋକଙ୍କ ଠାରୁ ହଜାର ହଜାର ଟଙ୍କା ଜୋରିମାନା ଆଦାର କରୁଛି ?

ମଦପିଇ ଗାଡି ଚଳାଇଲେ ୫ ହଜାର ଟଙ୍କା ଫାଇନ୍, ସେଇ ମଦ ନିଶାପାଇଁ କେତେ ହଣାକଟା ଗଣ୍ଡଗୋଳ , ନାରୀଙ୍କ ସହିତ ଅସଦାଚରଣ ସହିତ ଦୁଷ୍କର୍ମ ଆଦି ଘଟଣା ଘଟୁଛି । ସେଇ ନିଶା ପାଇଁ କେତେ ପରିବାର୍ ବରବାଦ୍ ହେଇଯାଉଛି । ସରକାର ସେଥିପାଇଁ ସବୁ ମଦ ଦୋକାନ ବନ୍ଦକରି ନିଶାମୁକ୍ତ ଭାରତ କରିଦେଲେ କଥା ଶେଷ୍ ।

*****

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସ୍ୱାମୀ ବିବେକାନନ୍ଦ ସ୍ମାରକ
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର



# କୃଷ୍ଣଚୂଡାର ପ୍ରେମିକ

ଶିବ ଚରଣ ମହାପାତ୍ର

କୃଷ୍ଣଚୂଡାକୁ କିଏ ପଚାରେ କହିଲେ ସେଇ ହାତ ଗଣତି କେତୋଟି ହିଁ ଲୋକ ବାହାରିବେ । ପୁଣି ସେମାନଙ୍କ ଭିତରେ ଅଧା ତିନିପା' ଫୁଲ ଡେକୋରେଟର ହେଇଥିବେ ଆଉ କିଛି ବଳକା ପାଗଳ ଭାବୁକ, ଆଉ କିଛି ଆମ ପରି କୁନି କୁନି ଛୁଆ । ମୋର କୃଷ୍ଣଚୂଡା ଫୁଲ ପ୍ରତି ଟିକିଏ ଅଧିକା ଦୁର୍ବଳତା ଥାଏ । କଣ ପାଇଁ ..? କାହିଁକି ..? ସେ କଥା ମୁଁ ଜାଣେନା ..। ସେଇ ଦୁର୍ବଳତା ପାଇଁ ସେଦିନ କୃଷ୍ଣଚୂଡା ଫୁଲ ତୋଳିବାକୁ ସାଙ୍ଗ ମାନଙ୍କ ସହିତ ଗଲୁ ଯେ ସେ ଭଜମନ ବୁଢାଟା ହାଇଁ ପାଁଇ ହେଇକି ଉଦୁଉଦିଆ ନିର୍ଦ୍ଧୁମ ଖରା ବେଳଟାରେ ଆମକୁ ଠେଙ୍ଗା ଧରି ଦୌଡେଇଲା । ସେଇ କୃଷ୍ଣଚୂଡାର ପେନ୍ଥା ପେନ୍ଥା ଲାଲ୍ କୃଷ୍ଣଚୂଡା ଫୁଲ ଗୁଡିକୁ ଠେଙ୍ଗା ଧରି ଜଗିବସିଛି । କ'ଣ କରିବ କେଜାଣି ସେଇ ଫୁଲ ଗୁଡିକୁ ..?

ଏଇ ଫୁଲ ନେଇ କାହା ଗଭା ଗଜରା'ତ ସଜା ହେଇ ପାରିବନି ..? କି କେଉଁ ଦିଅଁ ଦେବତାଙ୍କ ପୂଜାରେ ଲାଗିବନି । ହଁ ଯଦି କିଛି କାମରେ ଲାଗିବ ତେବେ ସେଇ ପାଗଳ ଭାବୁକ ମାନଙ୍କର ପାଗଳାମୀ କାମରେ ଲାଗିବ.. କେମିତି ନ ଲାଗନ୍ତା ଯେ...? ସେଇମାନେ ହିଁ ତ କୃଷ୍ଣଚୂଡାର ପ୍ରଥମ ପ୍ରେମିକ ବୋଲେଇ ହେଉଥାଆନ୍ତି । ଯେମିତି କୃଷ୍ଣଚୂଡାଟା ତାଙ୍କ ବୋପାଙ୍କ ସମ୍ପତ୍ତି । ଆମେ ବି ସେଦିନ ନଛୋଡବନ୍ଧା, ସେ କୃଷ୍ଣଚୂଡା ଫୁଲ ତୋଳିବୁ ହିଁ ତୋଳିବୁ । ମାନ ଯେମିତି କାଶ୍ମୀରର ଦ୍ୱାର ସେପାଖ ପାକିସ୍ଥାନୀ ସିପାହୀ ଆଉ ଏପାଖ ସଜାଗ ହିନ୍ଦୁସ୍ଥାନୀ ସେନା...କାଶ୍ମୀର ପାଇଁ ପାଗଳ...। ବହୁତ ଘମାଘୋଟ ଯୁଦ୍ଧ ଲାଗିଥାଏ ସେ କୃଷ୍ଣଚୂଡା ଫୁଲ ତୋଳିବାକୁ ନେଇ, ପରିଶେଷରେ ଆମ କୂଟନୀତିର ଜୟ ହେଲା, ଆମ ହାତରେ ଏବେ ପେଣ୍ଠାଏ ଲାଲ୍ ଟହଟହ କୃଷ୍ଣଚୂଡା ଫୁଲ ।ଭଜମନ ବୁଢା ତା ଠେଙ୍ଗାକୁ ଭୁଇଁରେ ପିଟିପିଟି କହୁଥାଏ-''ରୁହରେ ଶଳା' ଆର ଥରକୁ ତମ ପଛ ଫଡିଆକୁ ଏଇ ଠେଙ୍ଗାରେ ପାହାରେ ପାହାରେ ଯଦି ନ ଦେଇଛି ମୋ ନାଁ ବି ଭଜମନ ନୁହେଁ ''...ଆମେ ସବୁ ଖିଁ ଖିଁ କରି ଦାନ୍ତ

ଦେଖେଇ କହିଲୁ -"ଭଜୁଥାଲୋ ଅଜା..ତୁ ଆମକୁ ଧରିପାରିବୁ ନା ପିଟିବୁ".. ଆମେ ସେଠାରୁ ଦୌଡି ପଳେଇଗଲୁ । ସଂଧ୍ୟାରେ ଶୁଣିଲି ଭଜମନ ବୁଢାର ଶ୍ୱାସରୋଗ ଥିଲା ଖରା ବେଳଟାରେ ସେଇ ଗଛ ମୂଳେ ପଡିରହି ଆରପାରିକୁ ଚାଲି ଯାଇଛି । ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲି , ଆରେ ଆଜି ଦିନବେଳେ ବୁଢାଟା ଆମ ପଛରେ ଧାଇଁ ଥିଲା ସେ ଏମିତି କେମିତି ମରିପାରେ ..? ମୋତେ ସବୁ ସ୍ୱପ୍ନ ପରି ଲାଗୁଥିଲା.. ବାପା ଆଉ ଆମ ସାହିର ଅନ୍ୟ ଲୋକମାନେ କଥା ହେଉଥାଆନ୍ତି, କାଳେ ଚାଟଶାଳୀରେ ପଢିବା ବେଳେ ସେଇଠି ସେ ଗଛଟିକୁ ଭଜମନ ବୁଢା ଲଗେଇଥିଲା ..ପରିବର୍ତ୍ତିତ ସମାଜ ସାଙ୍ଗକୁ ବର୍ଦ୍ଧିତ ଜନସଂଖ୍ୟାର କରାଳ ଝଡରେ ଗାଁର ସମସ୍ତ ଗଛଲତା କାଟି ସଫା କରି ଦିଆଯାଇଥିଲା, କେବଳ ସେଇ ବୃଦ୍ଧ କୃଷ୍ଣଚୂଡା ଗଛଟିକୁ ଛାଡି । ସେ ଗଛ ପଛରେ ବି ବହୁତ ଲୋକ ଲାଗିଥିଲେ କିନ୍ତୁ ବୁଢାର ଜିଦ୍ ଆଗରେ ସମସ୍ତେ ହାର୍ ମାନି ଗଲେ । ବୁଢାର ପିଲା ପିଲି ନାହାନ୍ତି ବୋଲି ଗାଁ ଲୋକ ପ୍ରଥମେ ପ୍ରଥମେ ତାକୁ ବହୁତ ଟାହି ଟାପରା କରୁଥିଲେ କିନ୍ତୁ ପରେ ପରେ

ବ୍ୟସ୍ତତା ଭିତରେ କେହି କାହା କଥା ବୁଝିବାକୁ ସମୟ ନପାଇ ସବୁ ଭୁଲିଗଲେ । ବୁଢା କିନ୍ତୁ ନିଜ ସ୍ତ୍ରୀ ଆଉ କୃଷ୍ଣଚୂଡା ଗଛଟିକୁ ହିଁ ନିଜର ସଂସାର ବୋଲି ଭାବି ନେଇଥିଲା, ତେଣୁ ସେ କେମିତି ଅବା ସହି ପାରନ୍ତା ଯଦି କେହି ତା ସନ୍ତାନର ଗୋଡ ହାତ ଭାଙ୍ଗିବାକୁ ଚେଷ୍ଟା କରିବ..? ତେଣୁ କିଛି ପାଇବାର ଆଶା ନରଖି କେବଳ ଭଲପାଇବା ଦେଇ ଚାଲିଥିଲା ସେ କୃଷ୍ଣଚୂଡା ଗଛଟିକୁ । ସେ କଥା ଶୁଣି ମୁଁ ଖୁବ୍ ମର୍ମାହତ ହେଲି । ରାତିରେ ଠିକ୍ ରେ ଶୋଇ ପାରିଲିନି.. ସତରେ କଣ କେହି କେବେ କୌଣସି ଏକ ଗଛକୁ ବି ଏତେ ଭଲପାଇପାରେ...? ରାତି ବଢି ଚାଲିଲା ତା ସହିତ ଛନ୍ଦମୟ ହେଇ ଉଠିଲା ମୋ ଭାବନାର ଇନ୍ଦ୍ରଜାଲ । ପରଦିନ ସକାଳୁ ଉଠି ସେଇ କୃଷ୍ଣଚୂଡା ଗଛ ପାଖକୁ ଧାଇଁ ଯାଇ ପହଞ୍ଚି ଦେଖିଲି ଗଛ ମୂଳରେ କୃଷ୍ଣଚୂଡା ଫୁଲର ଶେଜଟିଏ... ସତେ ଅବା କୃତଜ୍ଞତା ସ୍ୱରୂପ ସେ ଗଛ ବିଛେଇ ଦେଇଛି... ଅନ୍ତର୍ବେଦନା ଜ୍ୱାଳାରେ ଝଡେଇ ଦେଇଥିଲା ତାର ସମସ୍ତ ଫୁଲ । କୃଷ୍ଣଚୂଡା ଗଛରେ ଜରାଜୀର୍ଣ୍ଣ ଶାଖା ମାନଙ୍କର ଆଲୋଚନା ଶୁଣିବାକୁ ପାଇଲି କି ଆମେ

କାଲେ ତାଙ୍କ ବୁଢା ବାପାଙ୍କୁ ହତ୍ୟା କରିଛୁ.. ତାଙ୍କ ବନ୍ଧୁ, ପରିଜନ, ସାହି ପଡିଶାବାସୀଙ୍କୁ ନିପାତ କରିଛୁ...ଆମେ ହତ୍ୟାକାରୀ । ସେଦିନ ଅସହାୟ କୃଷ୍ଣଚୂଡାର ଯନ୍ତ୍ରଣା ଭରା କଟୋକ୍ତି ଶୁଣିବା ପରେ ମୋ ବିବେକ୍ ମୋତେ କହୁଥିଲା "ହଁ ମୁଁ ଏଥିପାଇଁ ଦାୟୀ.. ମୁଁ ହିଁ ତାଙ୍କ ସମସ୍ତଙ୍କୁ ହତ୍ୟା କରିଛି...।" ସେଦିନ ଚୁପ୍ଚାପ୍ ସେ ଜାଗା ଛାଡି ଚାଲି ଆସିଲି । କିନ୍ତୁ ସବୁଦିନ ପାଇଁ ତା' ଦେହର ଛାଇ ହେଇ ରହିଗଲି ... ଆଜକୁ ଉଣେଇଶିଟି ବୈଶାଖର ଝାଞ୍ଜି ଖରା ତା' ସହିତ ସାଥି ହେଇ ସହିଲୁଣି । ସେବେଠାରୁ କୃଷ୍ଣଚୂଡା ଫୁଲ ହେଲା ମୋର ପ୍ରଥମ ପ୍ରେମିକା.. ଆଉ ମୁଁ ତା'ର ମନର ପ୍ରଥମ ମଣିଷ.. ପ୍ରଥମ ପୁରୁଷ... ପ୍ରଥମ ପ୍ରେମିକ...।

ସକାଳର ସ୍ୱର୍ଣ୍ଣିମ କିରଣ ବି ଖୁବ୍ ଅବଶ ଆଉ ନିସ୍ତେଜ ଲାଗୁଥିଲା କୃଷ୍ଣଚୂଡା ଫୁଲର ମୁରୁକି ହସ ଆଗରେ । ମୁଁ ବି ହସୁଥିଲି ତା ପେଣ୍ଠା ପେଣ୍ଠା ଫୁଲର ଛାତି ଭିତରେ... ଧକ୍... ଧକ୍... ଧକ୍... ଧକ୍...

ସ୍ପନ୍ଦନରେ... ସେ କୃଷ୍ଣଚୂଡାର ଲାଲ୍ ରଙ୍ଗ ପାଖୁଡା ଭିତରେ.. ।

*****

ଚକ୍ରଧରପୂର, କେନ୍ଦୁଝର


**ପ୍ରକାଶ ଅପେକ୍ଷାରେ....**

*ଧ୍ରୁବତାରା ପବ୍ଲିକେଶନସ୍ ର ପ୍ରଥମ ପୁସ୍ତକ "ସପ୍ତଶଯ୍ୟା"*

ଧ୍ରୁବତାରା ପବ୍ଲିକେଶନସ୍





# ଲୀଳାମୟ ଜଗନ୍ନାଥ

ଶାନ୍ତିଲତା ସାହୁ

ହେ ନୀଳାଦ୍ରୀନାଥ, ତୁମ କଥା ଭାବିବାରେ ଆନନ୍ଦ ଅଛି, ତୁମ ଚିତ୍ର ମନରେ ଆଙ୍କିବାରେ ଆନନ୍ଦ ଅଛି, ତୁମ ମହିମାର ଗୀତ ଗାଇବାରେ ଆନନ୍ଦ ଅଛି, ତୁମ ଲୀଳା ରଚନାର ଆଲୋଚନାରେ ଆନନ୍ଦ ଅଛି କାରଣ ତୁମେ ଆନନ୍ଦମୟ, ମଧୁମୟ । କି ଅପୂର୍ବ ଲୀଳା ତୁମର ସେ ଲୀଳାର ପଟାନ୍ତର ନାହିଁ । ହେ ଅସୀମ ଲୀଳାମୟ, ପାଖରେ ଥାଅ ମାତ୍ର ଦୂରରେ ଥିଲା ପରି ଜଣା ପଡୁଥାଅ । ଆଗକୁ ଚାହିଁଲେ ପଛରେ ହସୁଥାଅ, ପଛକୁ ଚାହିଁଲେ ଆଗରେ ମହ ମହ ବାସୁଥାଅ । କେତେ ଶାସ୍ତ୍ରରେ ତୁମ ପ୍ରଶସ୍ତି ଓ ତୁମ ଧାମର ପ୍ରଶସ୍ତି ବର୍ଣ୍ଣିତ ହୋଇଛି । ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରର ବିସ୍ତୃତ ବିବରଣୀ ରହିବା ସହିତ ରହିଛି ତୁମର ନବକଳେବର ନିମନ୍ତେ ଦାରୁ ସଂଗ୍ରହ, ମୂର୍ତ୍ତି ନିର୍ମାଣ, ମୂର୍ତ୍ତି ପ୍ରତିଷ୍ଠା ତଥା ବହୁ ନୀତି କାନ୍ତିର ତତ୍ତ୍ୱ ଓ

ତଥ୍ୟ ।

ହେ ଲୀଳାବିଳାସୀ ମହାପ୍ରଭୁ ! ବାର ମାସରେ ତୁମର ତେର ଯଥା, ଚନ୍ଦନ, ସ୍ନାନ, ଶ୍ରୀଗୁଣ୍ଡିଚା, ଶୟନଏକଦଶୀ, ପାର୍ଶ୍ଵପରିବର୍ତ୍ତନ, ଉତ୍ଥାପନ, ଦକ୍ଷିଣାୟନ, ପ୍ରାବରଣଷଷ୍ଠୀ, ପୁଷ୍ୟାଭିଷେକ, ମକରସଂକ୍ରାନ୍ତି, ଦୋଳ, ଦମନକଚତୁର୍ଦ୍ଦଶୀ, ନୀଳାଦ୍ରିମହୋଦୟ ମହୋତ୍ସବ ଏଥି ମଧ୍ଯରୁ ସ୍ଵୟଂ ଲୀଳା ଦୁଇଟି ତାହା ହେଲା ସ୍ନାନ ଓ ଗୁଣ୍ଡିଚା । ଶ୍ରୀ ଗୁଣ୍ଡିଚାରେ ବଡ଼ଦେଉଳରୁ ଆସି ତୁମେ ବଡଦାଣ୍ଡରେ ଉଭାହୁଅ ସମସ୍ତଙ୍କ ଭାବବିଭବରେ ମଜ୍ଜି ରହି ତୁମେ ଭାବଗ୍ରାହୀ ନାମର ଯଥାର୍ଥ ପ୍ରତିପାଦନ କର । ସମସ୍ତେ ତୁମର ତୁମେ ସମସ୍ତଙ୍କର ଏହି ପ୍ରତ୍ୟକ୍ଷ ଅନୁଭବ ଆଣିବା ପାଇଁ ଏହି ଗୁଣ୍ଡିଚାଯାତ୍ରା ଏକ ବିରଳ ପରିବେଶ ସୃଷ୍ଟିକରେ । ଯାତ୍ରାମାନଙ୍କ ଭିତରେ ଏହା ଶ୍ରେଷ୍ଠ ଯାତ୍ରା । ଏହାର ଭିନ୍ନ ଭିନ୍ନ ନାମ ରହିଛି ଯଥା ଆଡ଼ପମଣ୍ଡପ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ, କନକପୁରୀ ଯାତ୍ରା, ଘୋଷ ଯାତ୍ରା, ଅନ୍ତର୍ବେଦୀ ଯାତ୍ରା, ଦକ୍ଷିଣାଭିମୁଖୀ

ଯାତ୍ରା, ଇତ୍ୟାଦି ଇତ୍ୟାଦି । ହେ ମହାବାହୁ ! ବାରମାସରେ ତୁମର ବାରଗୋଟି ନାମ ରହିଛି ଯଥା ମାର୍ଗଶୀରମାସରେ କେଶବ, ପୌଷ ମାସରେ ନାରାୟଣ, ମାଘ ମାସରେ ମାଧବ, ଫଗୁଣ ମାସରେ ଗୋବିନ୍ଦ, ଚୈତ୍ର ମାସରେ ବିଷ୍ଣୁ, ବୈଶାଖମାସରେ ମଧୁସୁଦନ, ଜ୍ୟେଷ୍ଠମାସରେ ତ୍ରିବିକ୍ରମ, ଆଷାଢ଼ ମାସରେ ବାମନ, ଶ୍ରାବଣ ମାସରେ ଶ୍ରୀଧର, ଭାଦ୍ରବ ମାସରେ ହୃଷିକେଶ, ଆଶ୍ୱିନ ମାସରେ ପଦ୍ମନାଭ ଏବଂ କାର୍ତ୍ତିକ ମାସରେ ଦାମୋଦର ଇତ୍ୟାଦି । ହେ ଅଗତିର ଗତି, ଅସହାୟର ସହାୟ, ପରମ ପ୍ରଭୁ ମୋର କିଛି ନାହିଁ ତୁମକୁ ଦେବାକୁ, ଯାହା ଅଛି ମୋର ବୋଲି ସବୁତ ତୁମର ଦାନ । ନିଜକୁ ମୁଁ ତୁମ ପାଦେ କରି ସମର୍ପଣ ଜଣାଉଛି ମହାପ୍ରଭୁ କୋଟିଏ ପ୍ରଣାମ ।

*****

ବକ୍ସିବଜାର, କଟକ

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ଦ୍ୱାଦଶ ସଂସ୍କରଣ । ଏହି ସେପ୍ଟେମ୍ବର ୨୦୧୯ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ www.preranaodia.com/feedback ପ୍ରଦାନ କରିବାକୁ ଅନୁରୋଧ ।

Prerana

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

https://play.google.com/store/apps/details?id=com.debi.prerana